# ବରିଷ୍ଠ ନାଗରିକ ଆମ ପଥ ପ୍ରଦର୍ଶକ

ପାରଳାଖେମୁଣ୍ଡି/କାଶୀନଗର/ ଗୋଷାଣୀ/ରାୟଗଡ଼(ଗଜପତି), ୧।୧୦(ସ୍ୱ.ପ୍ର./ଡି.ଏନ୍.ଏ.)

ଗଜପତି ଜିଲାର ବିଭିନ୍ନ ବ୍ଲକରେ ମଙ୍ଗଳବାର ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ଦିଆଯାଇଛି।

ପାରଳାଖେମୁଣ୍ଡିସ୍ଥିତ ବିଜୁ କଲ୍ୟାଣ ମଣ୍ଡପରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ଅବସରରେ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଛି। ଗୁରୁ ଲକ୍ଷ୍ମୀଚରଣ ପଟ୍ଟନାୟକ ଯୋଗ ଶିକ୍ଷା ଦେଇଥିଲେ। ପରେ ସେଠାରେ ଏକ ମେଗା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡି.ଲୋକନାଥ ରାଜୁ, ଔଷଧ ବିଶେଷଜ୍ଞ ଡାକ୍ତର ରବୀନ୍ଦ୍ର ନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପାରଳାଖେମୁଣ୍ଡି ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଗୁରୁ କୈଳାସ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଏଥିରେ ଜିଲାପାଳ ଅନୁପମ ଶାହା ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ଆଜିର ଯୁବପିଢ଼ି ମା'ବାପା ଓ ବୟସ୍କ ଲୋକଙ୍କୁ ସମ୍ମାନ ଦେବା ଆବଶ୍ୟକ ବୋଲି ସେ କହିଥିଲେ। ବରିଷ୍ଠ ନାଗରିକମାନେ ଆମର ପଥ ପ୍ରଦର୍ଶକ ବୋଲି ଜିଲାପାଳ ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସ୍ୱଧାଦେବସିଂ, ଚଞ୍ଚଳ ରାଣା, ଏସ୍‌କେସିଜି କଲେଜ ଅଧ୍ୟାପକ ଡ. ଜିତେନ୍ଦ୍ର ନାଥ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ୪ଜଣ ବରିଷ୍ଠ ନାଗରିକ ଯୋଗଗୁରୁ ଲକ୍ଷ୍ମୀ ଚରଣ ପଟ୍ଟନାୟକ, ହରିମୋହନ ପଟ୍ଟନାୟକ, ଦେବରାଜ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ବଟକୃଷ୍ଣ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୌରପରିଷଦ କନିଷ୍ଠଯନ୍ତ୍ରୀ ମଧୁସ୍ମିତା ଦାସ ଧନ୍ୟବାଦ ଦେଇଥିଲେ। କାଶୀନଗର ବ୍ଲକ ଓ ଏନ୍‌ଏସିଠାରେ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଇଛି। ବ୍ଲକ ସଭାଗୃହରେ ଏହି ଉପଲକ୍ଷେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗ ଗୁରୁ ହରି ଭାଇ ବରିଷ୍ଠ ନାଗରିକଙ୍କୁ ଯୋଗାଭ୍ୟାସ କରାଇଥିଲେ। ଏଥିରେ ୨୦୦ଜଣ ବରିଷ୍ଠ ନାଗରିକ ସାମିଲ ହୋଇଥିଲେ। ୧୫୦ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ଦିଆଯାଇଛି। କାର୍ଯ୍ୟକ୍ରମରେ କାଶୀନଗର ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, ଭାରପ୍ରାପ୍ତ ପିଡିଓ ରାଜେନ୍ଦ୍ର ପ୍ରସାଦ ପଣ୍ଡା, ବ୍ଲକ ଅଧ୍ୟକ୍ଷ ଚିତ୍ରି ସୀମାଦ୍ରି, କାଶୀନଗର ଥାନାଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର, ଡକ୍ଟର ପାର୍ଥ ସାରଥି ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି କାଶୀନଗର ଏନ୍‌ଏସି ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୩ଜଣ ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ରଘୁନାଥ ପଟ୍ଟନାୟକ, କେ. ସତ୍ୟନାରାୟଣ ଏବଂ ୱାଇ.ତାଭଡୁ। ଏଠାରେ ମଧ୍ୟ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ଦିଆଯାଇଛି। ଏନ୍‌ଏସି ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଶାନ୍ତିଲତା ପଲେଇ, ଯନ୍ତ୍ରୀ ରାଧାମୋହନ ରାୟ, ପି.ମନୋହର, ସୀମାଞ୍ଚଳ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

ଗୋଷାଣୀ ବ୍ଲକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ଶତାଧିକ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ।


କାଶୀନଗରରେ ବରିଷ୍ଠ ନାଗରିକମାନେ ଯୋଗାଭ୍ୟାସ କରୁଛନ୍ତି।

**ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ**

ଗୁରାଣ୍ଡି ଥାନା ଏଏସ୍‌ଆଇ ଅଭିମନ୍ୟୁ ପଲାଇ ବରିଷ୍ଠ ନାଗରିକଙ୍କ ସୁବିଧା ପାଇଁ ରହିଥିବା ବିଭିନ୍ନ ଆଇନ ବିଷୟରେ କହିଥିଲେ। ସେମାନଙ୍କୁ ଭତ୍ତା, ଆବାସ ଯୋଜନାରେ ଗୃହ ଓ ପେନ୍‌ସନ ଯୋଗାଇ ଦିଆଯିବ ବୋଲି ବିଡିଓ ସଂଗ୍ରାମ କେଶରୀ ପଣ୍ଡା କହିଥିଲେ। ବରିଷ୍ଠ ନାଗରିକଙ୍କୁ ସମସ୍ତ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦିଆଯିବ ବୋଲି ଗୁରାଣ୍ଡି ମେଡିକାଲ ଡାକ୍ତର ସୀମାଞ୍ଚଳ ପଣ୍ଡା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏବିଡିଓ ଅଭିମନ୍ୟୁ ସାହୁ, ସୁବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ରାୟଗଡ଼ ବ୍ଲକ କାର୍ଯ୍ୟାଳୟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି। ବିଡିଓ ଲୁକାସ ପ୍ରଧାନ ମୁଖ୍ୟ ଅତିଥି, ଏବିଡିଓ ପୀତାମ୍ବର ବେହେରା, ଉପବିଭାଗ ଅଧିକାରୀ ରଙ୍କ ବେହେରା, ରାୟଗଡ଼ ପିଇଓ ରାଜେନ୍ଦ୍ର ରଥ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ସ୍ଥାନୀୟ ଶିଶୁ ମନ୍ଦିର ଛାତ୍ରୀଛାତ୍ର ପ୍ରାରମ୍ଭିକ ସଙ୍ଗୀତ ଓ ଏକାଙ୍କିକା ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ପ୍ରସାଦ ଘଡାଇ, ଏଲ୍‌ଏସ୍‌ଇଓ ନମିତା ଚାନ୍ଦ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ଜିଲାସ୍ତରୀୟ ପିଲାଙ୍କ ବିଜ୍ଞାନ କଂଗ୍ରେସ

# ବୈଜ୍ଞାନିକପ୍ରଣାଳୀରେ ଅଞ୍ଚଳର ସମସ୍ୟା ସମାଧାନ କର


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ପାରଳାଖେମୁଣ୍ଡି, ୧।୧୦ (ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ପିଲାଙ୍କ ବିଜ୍ଞାନ କଂଗ୍ରେସ ପ୍ରକଳ୍ପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମନୋଜ ରଞ୍ଜନ ଦଳେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଜାତୀୟ ବିଜ୍ଞାନ କଂଗ୍ରେସର ଜିଲା ସଂଯୋଜକ ସାତ୍ତ୍ୱିକ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସ୍ୱଚ୍ଛ, ସବୁଜ ଓ ସୁସ୍ଥ ରାଷ୍ଟ୍ର ଗଠନ ପାଇଁ ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଆବଶ୍ୟକ। ସେ ସବୁକୁ ଆଧାର କରି ବୈଜ୍ଞାନିକ ପ୍ରଣାଳୀରେ ସ୍ଥାନୀୟ ଅଞ୍ଚଳର ସମସ୍ୟା ସମାଧାନ କରିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରା ସୃଷ୍ଟି ପାଇଁ ଏଭଳି କାର୍ଯ୍ୟକ୍ରମ ଆବଶ୍ୟକ ବୋଲି ପ୍ରଧାନ ଶିକ୍ଷକ ହୃଷିକେଶ ଦାସ କହିଥିଲେ। ବାଲାନନ୍ଦ ରଥ, ଅଧ୍ୟାପିକା ସଞ୍ଜୁକ୍ତା ପାତ୍ର ଓ ନିବେଦିତା ମାଝି ବିଚାରକ ଦାୟିତ୍ୱ ତୁଲାଇଥିଲେ। ଏଠାରେ ମୋଟ ୫୭ଗୋଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିରୁ ଜିତେନ୍ଦ୍ର ଶବର, ସରୋଜ ଶବର, ଅଭିଜିତ ପାଢୀ, ସତ୍ୟନାରାୟଣ ରାଜଗୁରୁ, ରାଜେଶ୍ୱରୀ ସ୍ୱାଇଁଙ୍କ ପ୍ରକଳ୍ପ ପୁରସ୍କୃତ ହେବା ସହ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନିତ ହୋଇଛି। କାର୍ଯ୍ୟକ୍ରମକୁ ଜିଲା ବିଜ୍ଞାନ ଏକାଡେମୀର ବାଳକୃଷ୍ଣ ମାଝି, ବରିଷ୍ଠ ଶିକ୍ଷକ ବି.ବୃନ୍ଦାବନ ରାଓ ଏବଂ ସୁଲତା ଶୁଭଦର୍ଶନୀ ପରିଚାଳନା କରିଥିଲେ।


ଅଧିକାରୀମାନେ ଛତୁଆ ବଣ୍ଟନ କରୁଛନ୍ତି।

# ଛତୁଆ ବାଣ୍ଟିଲେ ରାଜ୍ୟସ୍ତରୀୟ ଟିମ୍

ପାରଳାଖେମୁଣ୍ଡି, ୧।୧୦ (ସ୍ୱ.ପ୍ର.)

ଗଜପତିଜିଲା ଗୋଷାଣୀ ବ୍ଲକ ଲାବଣ୍ୟଗଡ ପଞ୍ଚାୟତର ଦୁଇଟି ଅଙ୍ଗନୱାଡି କେନ୍ଦ୍ରରେ ରାଜ୍ୟସ୍ତରୀୟ ଟିମ୍ ଛତୁଆବଣ୍ଟନ କରିଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟରେ ପ୍ରତିମାସ ୧ ତାରିଖରେ ଛତୁଆ ବଣ୍ଟନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ରାଜ୍ୟସ୍ତରୀୟ ଅଧିକାରୀମାନେ ଅଙ୍ଗନୱାଡି କେନ୍ଦ୍ରକୁ ଯାଇ ଚତୁଆ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉପ ସଚିବ କାଶୀନାଥ ପାତ୍ର, ସିଡିପିଓ ଗୌରୀ ନାୟକ, ଲାବଣ୍ୟ ରଇତ, ଜଗଦେଶ୍ୱରୀ ଆଲୁ ପ୍ରମୁଖ ପ୍ରସୂତି, ଗର୍ଭବତୀ ଓ ଶିଶୁଙ୍କୁ ଛତୁଆ ବଣ୍ଟନ କରିଥିଲେ।

■ ସରକାରୀ ଜମିରେ ଗଞ୍ଜେଇ ଚାଷ ମାମଲା

# ୨ ଅଭିଯୁକ୍ତଙ୍କୁ ଜେଲ, ଜରିମାନା

ପାରଳାଖେମୁଣ୍ଡି, ୧।୧୦ (ସ୍ୱ.ପ୍ର.)

ସରକାରୀ ଜମିରେ ଗଞ୍ଜେଇ ଚାଷ କରାଯାଉଥିବା ନେଇ ଆର୍. ଉଦୟଗିରି ଥାନାରେ ମାମଲା ହୋଇଥିଲା। ଏହାର ବିଚାର କରି ଗଜପତି ଜିଲା ଦୌରାଜଜ୍ ବିଶ୍ୱଜିତ ଦାସ ଦୁଇ ଅଭିଯୁକ୍ତଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୩ମାସ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତମାନେ ହେଲେ ଇଶ୍ରାଏଲ ରଇତ ଏବଂ ସାନୁ ଗମାଙ୍ଗ। ପ୍ରକାଶ ଯେ, ୨୪ ନଭେମ୍ବର ୨୦୧୫ରେ ଆର୍.ଉଦୟଗିରି ଥାନା ଏସ୍‌ଆଇ ଦିଲୀପ କୁମାର ଲାକରା ଏବଂ ଅବକାରୀ ବିଭାଗ କର୍ମଚାରୀ ଗୁରୁସାହି ରଙ୍ଗେଇସିଂ ଗ୍ରାମରେ ଚଡାଉ କରିଥିଲେ। ସେଠାରେ ସରକାରୀ ଜମିରେ ଗଞ୍ଜେଇ ଚାଷ କରୁଥିବା ଅଭିଯୋଗରେ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲେ। ସରକାରଙ୍କ ପକ୍ଷରୁ ୧୭ଜଣ ସାକ୍ଷୀ ଦେଇଥିଲେ। ସରକାରଙ୍କ ପକ୍ଷରୁ ଶରତ ଚନ୍ଦ୍ର ପ୍ରଧାନ ମାମଲା ପରିଚାଳନା କରିଥିଲେ।

# ଆଇନ ସଚେତନତା ଶିବିର

ପାରଳାଖେମୁଣ୍ଡି, ୧।୧୦ (ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ ଜିଲା କୋର୍ଟ ସଭା ଗୃହରେ ଗଜପତି ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବରିଷ୍ଠ ନାଗରିକଙ୍କ ପାଇଁ ଏକ ଆଇନ ସଚେତନତା ସଭା ଅନୁଷ୍ଠିତ ହୋଇଛି। ପ୍ରାଧୀକରଣ ଅଧ୍ୟକ୍ଷ ବିଶ୍ୱଜିତ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ପାଇଁ ରହିଥିବା ବିଭିନ୍ନ ଆଇନ ଉପରେ ଅବଗତ କରାଇଥିଲେ। ସମ୍ମାନିତ ଅତିଥିଭାବେ ପ୍ରାଧୀକରଣ ସମ୍ପାଦିକା ଦୀପା ଦାସ ଯୋଗ ଦେଇଥିଲେ। ଅତିରିକ୍ତ ଜିଲା ଜଜ୍ ଅରୁଣ କୁମାର ସାହୁ, ସିଭିଲ କୋର୍ଟ ରେଜିଷ୍ଟ୍ରାର ଶୁଭଶ୍ରୀ ପ୍ରଧାନ, ସବ୍ ଜଜ୍ ବ୍ୟାମକେଶ ନାୟକ, ଏସ୍‌ଡିଜେଏମ୍ ଚନ୍ଦ୍ର ହ୍ରାସ ବେହେରା, ଜେଏମ୍‌ଏଫ୍‌ସି ସୁମିତ୍ରା କୁମାରୀ ଦାସ, ଉପସ୍ଥିତ ଥିଲେ।

# ଅପହରଣ ଅଭିଯୋଗରେ ନାବାଳକ ଅଟକ

ଗୋଷାଣୀ, ୧।୧୦(ଡି.ଏନ୍.ଏ.)

ଗଜପତି ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳ ଗଣ୍ଡାହାତୀରୁ କିଛି ଦିନ ତଳେ ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିଲା। ମଙ୍ଗଳବାର ପୋଲିସ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିଛି। ଏହି ଘଟଣାରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ଅଟକ ରଖି ପୋଲିସ ପଚରାଉଚରା ଚଳାଇଛି। ପ୍ରକାଶ ଯେ, ଗାରାବନ୍ଧ ଥାନା ଅଞ୍ଚଳର ଦୁଇ ଭଉଣୀ ବାପାଙ୍କ ସାଙ୍ଗ ସହ ଗଣ୍ଡାହାତୀ ବୁଲିବାକୁ ଯାଇଥିଲେ। ସେଠାରେ କିଛି ଦୁର୍ବୃତ୍ତ ବଡ ଭଉଣୀଙ୍କୁ ଟଣାଓଟରା କରିଥିଲେ। ଏହି ସମୟରେ ସାନ ଭଉଣୀ ଓ ତାଙ୍କ ବାପାଙ୍କ ସାଙ୍ଗ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ଦୁର୍ବୃତ୍ତମାନେ ଉଭୟଙ୍କୁ ଆକ୍ରମଣ କରି ବଡ଼ ଭଉଣୀଙ୍କୁ ଅପହରଣ କରି ନେଇଥିଲେ। ଗାରାବନ୍ଧ ଥାନାରେ ଏ ନେଇ ଏତଲା ଦିଆଯିବା ପରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ପୋଲିସ ପରେ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଏଥିରେ ସମ୍ପୃକ୍ତ ଥିବା ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ ସମ୍ମୁଖରେ ହାଜର କରାଯାଇଛି ବୋଲି ଥାନାଧିକାରୀ ସୁଶାନ୍ତ ସାହୁ କହିଛନ୍ତି। ବର୍ତ୍ତମାନ ନାବାଳିକାଙ୍କୁ ଶିଶୁ ମଙ୍ଗଳ ସମିତିକୁ ହସ୍ତାନ୍ତର କରାଯାଇଛି।

# ମୃତଦେହ ଉଦ୍ଧାର

ବ୍ରହ୍ମପୁର ଅଫିସ,୧।୧୦

ଜିଆରପି ପୋଲିସ ମଙ୍ଗଳବାର ବ୍ରହ୍ମପୁର ରେଳଷ୍ଟେଶନରୁ ଏକ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ବୟସ ଆନୁମାନିକ ୪୦ ହେବ । ମୃତଦେହ ସଂରକ୍ଷଣ ଗୃହରେ ରଖାଯାଇଛି। ବୁଧବାର ଏହାର ବ୍ୟବଛେଦ କରାଯିବ । ରେଳଧରଣା ପାର ହେଉଥିବା ବେଳେ ଟ୍ରେନଧକ୍କାରେ ଉକ୍ତ ବ୍ୟକ୍ତିଜଣଙ୍କର ମୃତ୍ୟୁ ଘଟିଥିବା ପୋଲିସ ସନ୍ଦେହ କରୁଛି।

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ନବରାତ୍ରିର ଶୁଭ ଅବସରରେ ଋଣ ଧମାକା
ଭାରତର Govt. Regd. ନଂ.1 କମ୍ପାନୀ
DURGA FINANCE LTD.
Reg. No. U6519TN198PLC008555
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଓ ସମସ୍ତ ଋଣ
3-4 ଦିନରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ବ୍ୟବସାୟିକ ସୁଯୋଗ ପାଇଁ ଯୋଗାଯୋଗ କରନ୍ତୁ
9499218733
7302958798
H.No. 12, Sohana, Distt. Mohali

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍‌ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
MOB: 7292041586
Address - 12, Govt. Place (East), 2nd floor, Kolkata, west Bengal- 700069

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
ମହାଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲି. Reg No. MH32820D788
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
7894582823
H.No. 10, Mandi Road, Bathinda Punjab.

ଋଣ ଧମାକା !!! ଆଗେ ଆସନ୍ତୁ ଆଗେ ପାଆନ୍ତୁ
NATIONAL FINANCE
ଭାରତର ନଂ.1 କମ୍ପାନୀ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 50% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
095283-08829
ADDRESS: T-51, GAUTAMPURI, DELHI

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7750840136
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

BUSINESS BUSINESS

GTL Telecom Network Company
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍+ 30,000ର ଅନ୍ୟାନ ସୁବିଧା
ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348700276
8227843135

HINDUSTAN TOWER
ନାମ ନୁହେଁ କାମ କହିଥାଏ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ ୨୦ ଲକ୍ଷ, ଭଡ଼ା 60,000 + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

Telnet Towers Co.
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇ-ୱେ ପାର୍ଶ୍ୱ ଜମିରେ ଡିଜିଟାଲ ମଲ୍ଟିମିଡିଆ ଟାୱାର୍ ଲଗାନ୍ତୁ।
ଅଗ୍ରିମ: 70 ଲକ୍ଷ
ଭଡ଼ା: 60 ହଜାର
+ ଏଗ୍ରିମେଣ୍ଟ
09625373491, 07827396829
www.telnettowers.com
Add.: Hamiltonganj, Uttar Latabari (WB)

ASTROLOGY ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

DHARITRI Career appointment Every Wednesday and Saturday

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ନିଲାମ ହେଲା ହାଟ

ମାଥିଲି, ୧।୧୦ : ବ୍ଲକ ସଦର ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ମଙ୍ଗଳବାର ପଞ୍ଚାୟତ ନିଲାମ ବୈଠକ ଅନୁଷ୍ଠିତ ହୋଇଯାଇଛି। ପିଇଓ ଅଶୋକ ମହାରଣାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ବୈଠକରେ ମାଥିଲି ସାପ୍ତାହିକ ହାଟକୁ ୧ ଲକ୍ଷ ୨୧ ହଜାର ଟଙ୍କାରେ ନିଲାମ କରାଯାଇଥିଲା । ସେହିପରି ଦୈନିକ ମାର୍କେଟକୁ ୨୧ ହଜାର ୫ଶହ ଟଙ୍କାରେ ନିଲାମ କରାଯାଇଥିବାବେଳେ କମାରସାହିସ୍ଥିତ ବନ୍ଧ ୬ ହଜାର ଶହେ ଟଙ୍କାରେ ନିଲାମ ହୋଇଥିଲା । ସରପଞ୍ଚ ଗୌରୀ ବଟେ, ଜିଲା ପରିଷଦ ସଭ୍ୟ ବାଲରାଜୁ କପେ ଓ ୱାର୍ଡମେମ୍ବର ରୋହିତ ବେହେରା, ସମାଜସେବୀ କୁନାଲ ମିଶ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

### ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକେଇଲେ ଗ୍ରାମବାସୀ

ଏମ୍‌ଭି-୭୯,୧।୧୦(ଡିଏନ.ଏ.): କାଲିମେଳା ବ୍ଲକ ଅନ୍ତର୍ଗତ ଏମ.ପି.ଭି.-୭୩ (କୁନାଲପଲ୍ଲୀ) ଗ୍ରାମରେ ଥିବା ଅଙ୍ଗନୱାଡିକେନ୍ଦ୍ରରେ ବିଭିନ୍ନ ଅବ୍ୟବସ୍ଥା ନେଇ ମଙ୍ଗଳବାର ଗ୍ରାମବାସୀ ତାଲା ପକାଇ ଦେଇଛନ୍ତି। ଗ୍ରାମର ଶତାଧିକ ମହିଳା ଅଙ୍ଗନୱାଡିକର୍ମୀ କବିତା ସରଦାରଙ୍କୁ ଘେରି ବିଭିନ୍ନ ବିଷୟରେ ପ୍ରଶ୍ନ କରିଥିଲେ। ତେବେ କର୍ମୀ ସରଦାର କିଛି ଶୁଣି ନ ଥିଲେ। ଅଧିକାଂଶ ଦିନ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ରହିବା, ପିଲାଙ୍କ ପାଇଁ ମିଳୁଥିବା ଛତୁଆ ଓ ଅଣ୍ଡା ନ ମିଳିବା, ସରକାରଙ୍କ ପକ୍ଷରୁ ମିଳୁଥିବା ମାତୃତ୍ୱ ସୁରକ୍ଷା ଅର୍ଥ ନ ମିଳିବା ସହ ଅନ୍ୟାନ୍ୟ ଅଭିଯୋଗ ନେଇ ଗ୍ରାମବାସୀ କେନ୍ଦ୍ରରେ ତାଲା ପକାଇଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ପୂର୍ବରୁ ଥରେ ସୁପରଭାଇଜରଙ୍କୁ ଜଣେଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ସେବା ଶିବିର ଉଦ୍‌ଘାଟିତ

ଗୋବିନ୍ଦପାଲି , ୧।୧୦ (ଡି.ଏନ.ଏ.): ଗୋବିନ୍ଦପାଲିସ୍ଥିତ ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜ ଏନ୍‌ଏସ୍‌ଏସ୍ ପକ୍ଷରୁ ସ୍ୱତନ୍ତ୍ର ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ପ୍ରୋଗ୍ରାମ ଅଫିସର ଅଧାପକ ତ୍ରୈଲୋକ୍ୟନାଥ ସାହୁଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଏମ. ଲକ୍ଷ୍ମଣ ରାଓ, ମୁଖ୍ୟବକ୍ତା ଭାବେ ସପ୍ତଧାରା ଫାଉଣ୍ଡେଶନର ସଭାପତି ତୁଷାରକାନ୍ତ ମହାପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ଗ୍ରାମମୁଖିଆ ତ୍ରିନାଥ ନାୟକ ଯୋଗ ଦେଇଥିଲେ । ଏହି ଶିବିର ୭ ଦିନ ଧରି ଚାଲିବ। ସଫେଇ,ରକ୍ତଦାନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ । ଅଧ୍ୟକ୍ଷ ନବୀନ କୁମାର ନାୟକ ଉପସ୍ଥିତ ଥିଲେ।

### ସଚେତନତା ରାଲି

ଏମଭି ୭୯,୧।୧୦(ଡି.ଏନ.ଏ): ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମଭି-୭୯ସ୍ଥିତ +୩ କଳା ମହାବିଦ୍ୟାଳୟ ତରଫରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅବସରରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଏହି ରାଲି କଲେଜ ପରିସରରୁ ବାହାରି ଏମଭି-୭୯ ଅଞ୍ଚଳ ପରିକ୍ରମା କରିଥିଲା। ପ୍ଲାଷ୍ଟିକ ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ସ୍ଥାନୀୟ ବ୍ୟବସାୟୀଙ୍କୁ ଛାତ୍ରୀଛାତ୍ରମାନେ ଅନୁରୋଧ କରିଥିଲେ। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀରୁ ପ୍ଲାଷ୍ଟିକ ପ୍ରସ୍ତୁତ ସମସ୍ତ ସାମଗ୍ରୀ ବର୍ଜନ ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ଫଳରେ ରାଜ୍ୟରେ ପଲିଥିନ ସହ ସିଙ୍ଗଲ ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର ଉପରେ କଟକଣା ଲାଗିବ ବୋଲି କଲେଜ ଅଧକ୍ଷା ପ୍ରଭାସିନୀ ମହାପାତ୍ର କହିଥିଲେ। ଅଧାପକ ଶତ୍ରୁଘ୍ନ ପ୍ରଧାନ, ତାରିଣୀ ଚରଣ ମହାନ୍ତି, ଶିବରାମ ବାଇନ, ଅମିୟ ସରକାର, ପ୍ରଦୀପ ପ୍ରଧାନ, ନରସିଂହ ପ୍ରସାଦ ବାରିକ, ଶିବୁ ଦତ୍ତଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଏମ୍‌ଭି-୧୦୪ ଗ୍ରାମରେ ଭଲ ହେଉଛନ୍ତି କିଡ୍‌ନୀ ରୋଗୀ


ପୂଜାରେ ବସିଛନ୍ତି ତରୁଲତା।

**ମାଲକାନଗିରି ଜିଲା**

- ୬ ଥର ମା'ଙ୍କ ପ୍ରସାଦ ସେବନ କଲେ ରୋଗ ଭଲ ହୁଏ
- ରାଜସ୍ଥାନ,ଆନ୍ଧ୍ର ପ୍ରଦେଶରୁ ଆସୁଛନ୍ତି ରୋଗୀ
- ଶନିବାର, ମଙ୍ଗଳବାର ରହିଛି ଚିକିତ୍ସା ବିଧି


ଚିକିତ୍ସା ପାଇଁ ଅପେକ୍ଷା କରିଥିବା ରୋଗୀ।

ମାଲକାନଗିରି,୧।୧୦(ଡି.ଏନ.ଏ)

କିଡ୍‌ନୀ ରୋଗୀମାନେ ନିଜର ସମସ୍ତ ଉପାର୍ଜିତ ଧନ ଖର୍ଚ୍ଚ କରିବା ପରେ ଭଗବାନଙ୍କ ଉପରେ ବିଶ୍ୱାସ କରି ଏଠାକୁ ଆସି ସୁସ୍ଥ ହେଉଛନ୍ତି। ଏହି ରୋଗର ଉପଶମ କରୁଥିବା ମହିଳା ଜଣକ ରୋଗୀଙ୍କ ପାଇଁ ଭଗବାନଙ୍କଠାରୁ କମ ନୁହନ୍ତି ବୋଲି ଲୋକେ ବିଶ୍ୱାସ କରୁଛନ୍ତି। ଏଭଳି କିଡ୍‌ନୀ ରୋଗ ଭଲ କରୁଛନ୍ତି ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଏମ.ଭି-୧୦୪ ଗ୍ରାମର ଜଣେ ମହିଳା । ଏହି ବ୍ଲକ ଅନ୍ତର୍ଗତ ଏମ.ଭି-୧୦୪ ଗ୍ରାମର ପ୍ରଦୀପ ସରକାରଙ୍କ ସ୍ତ୍ରୀ ତରୁଲତା ସରକାର ଗତ କିଛି ବର୍ଷ ହେଲା କିଡ୍‌ନୀ ରୋଗର ସଫଳ ଚିକିତ୍ସା କରି ଆସୁଛନ୍ତି। ଫଳରେ ଏହି ଗ୍ରାମରେ ପ୍ରତ୍ୟେକ ଶନିବାର ଓ ମଙ୍ଗଳବାର ଶତାଧିକ କିଡ୍‌ନୀ ରୋଗୀଙ୍କୁ ଲମ୍ବା ଧାଡ଼ିରେ ଦେଖିବାକୁ ମିଳିଥାଏ । ତରୁଲତା ମା' ଦୁର୍ଗାଙ୍କୁ ସ୍ମରଣ କରି ନିଆଁରେ ପୋଡା ଯାଇଥିବା ଲେମ୍ବୁ ରସ, ଗୁଡ ଓ କଦଳୀରେ ପ୍ରସ୍ତୁତ ରସକୁ ମା'ଙ୍କ ନିକଟରେ ଭୋଗ କରି ସେହି ରସକୁ ରୋଗୀଙ୍କୁ ଦେଇଥାନ୍ତି। ଏଭଳି ପ୍ରତ୍ୟେକ ମଙ୍ଗଳବାର କିମ୍ବା ଶନିବାର ଲଗାତର ୬ ଥର ସେବନ କଲେ କିଡ୍‌ନୀ ରୋଗ ଭଲ ହୋଇଥାଏ । ଏଥିପାଇଁ ରୋଗୀଙ୍କୁ ସକାଳୁ କୌଣସି ଖାଦ୍ୟ ନ ଖାଇ ଖାଲି ପେଟରେ ଯିବାକୁ ପଡ଼ିଥାଏ । ଏହି ରୋଗର ଚିକିତ୍ସା ଲାଗି ଛତିଶଗଡ଼ର ରାୟପୁର, ଜଗଦଲପୁର, ରାଜସ୍ଥାନ ଓ ଆନ୍ଧ୍ର ପ୍ରଦେଶରୁ ମଧ୍ୟ ରୋଗୀ ଆସିଥାନ୍ତି । ମାଲକାନଗିରି ଜିଲା ସଦର ମହକୁମାର ରସିଦ ଅଲ୍ଲୀ ସରଦାର ନାମକ ଜଣେ ବ୍ୟବସାୟୀ କିଡ଼ନୀ ରୋଗରେ ଆକ୍ରାନ୍ତ ହୋଇ ବହୁ ଅର୍ଥ ଖର୍ଚ୍ଚ କରିଥିଲେ । ଶେଷରେ ଡାକ୍ତର ତାଙ୍କୁ ଘରକୁ ଫେରିଯିବାକୁ ପରାମର୍ଶ ଦେଇଥିଲେ । ସେ ଏମ୍‌ଭି-୧୦୪ ଗ୍ରାମ ସମ୍ପର୍କରେ ଖବର ପାଇ ସେଠାକୁ ଯାଇ ଚିକିତ୍ସିତ ହୋଇଥିଲେ। ଏବେ ସେ ୨ ବର୍ଷରୁ ଉର୍ଦ୍ଧ୍ୱ ହେଲା ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇ ସୁସ୍ଥ ଜୀବନଯାପନ କରୁଛନ୍ତି। ସେହିଭଳି ରାଜସ୍ଥାନର ଯୋଧପୁରର ବିକ୍ରମ ଚୋପ୍ରା କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଅନେକ ଅର୍ଥ ଖର୍ଚ୍ଚ କରିବା ପରେ ଭଲ ହୋଇ ନ ଥିଲେ। ସେ ତାଙ୍କର ଜଣେ ବନ୍ଧୁଙ୍କଠାରୁ ୧୦୪ ଗ୍ରାମ ସମ୍ପର୍କରେ ଶୁଣି ସେଠାକୁ ୪ଥର ଆସିଲେଣି। ଏହି ଘଟଣା ସାଧାରଣରେ ଅବିଶ୍ୱାସ ହେଉଥିଲେ ମଧ୍ୟ ଯେଉଁ ରୋଗୀ ଆସି ଉପକୃତ ହୋଇଛନ୍ତି,ସେମାନେ ଏହିଗ୍ରାମର ତରୁଲତା ସରକାରଙ୍କୁ ସର୍ବଦା ମନେରଖିବେ।


ଧୁରୁଆ ସମାଜ ସଦସ୍ୟମାନେ କଲ୍‌ଟା ପର୍ବ ପାଳନ କରୁଛନ୍ତି।

# ଧୁରୁଆ ସମାଜର କଲ୍‌ଟା ତିଆର

ପାଣ୍ଡ୍ରିପାଣି, ୧।୧୦ (ଡି.ଏନ୍.ଏ.)

ମାଲକାନଗିରି ଜିଲାର ଧୁରୁଆ ସମାଜର କଲ୍‌ଟା ତିଆର (ନୂଆଖାଇ)-୨୦୧୯ ଭେଟ୍‌ଘାଟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ବ୍ଲକ ଅନ୍ତର୍ଗତ ଚଲାଣଗୁଡା ପଞ୍ଚାୟତର ଗାନ୍ଧିପାଲ୍ଲୀ ଗ୍ରାମରେ ହୋଇଥିବା ଏହି ଉତ୍ସବରେ ଛତିଶଗଡର ଧୁରୁଆ ସମାଜର ସଭାପତି ପ୍ରଫୁଲ ନାଗ, ମୁଖ୍ୟଅତିଥି, ସମ୍ପାଦକ ଶ୍ରୀରାମ ବାଗେଲ ମୁଖ୍ୟବକ୍ତା, କୋଷାଧକ୍ଷ କୁମାରୀ ନିଶା ବାଗେଲ, ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଅତିଥିମାନେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଧୁରୁଆ ସମାଜର ଅଗ୍ରଣୀ ନିମନ୍ତେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। କରାଗଲା। ସମାଜରେ ନିଶା ନିବାରଣ ଉପରେ ବହୁତ ଗୁରୁତ୍ୱ ଦିଆଯାଇଥିଲା। ମାଲକାନଗିରି ଧୁରୁଆ ସମାଜର ସଭାପତି ମଙ୍ଗଳ ଦୁରୁଆ, ଉପସଭାପତି ବଳଦେବ ନାୟକ, ଭଦ୍ର ଦୁରୁଆ, ଗଗନ ଦୁରୁଆ, ମହୁପଦର ସରପଞ୍ଚ ଶିବଶଙ୍କର ଧୁରୁଆ, କିତାପାଲି ସରପଞ୍ଚ ଗୁପ୍ତ ଦୁରୁଆଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଦୁରୁଆ ସମ୍ପ୍ରଦାୟର ଏହା ଏକ କୃଷିଜାତ ପର୍ବ। ଏହି ଅବସରରେ ସେମାନେ ନୂତନ ଧାନର ଚାଉଳ, ମକ୍କା, ବୋଇତି କଖାରୁ, ଖମ୍ବ ଆଳୁ ଓ ବିଭିନ୍ନ ଜଙ୍ଗଲଜାତ ପନିପରିବା ଏହି ସମ୍ପ୍ରଦାୟର ଲୋକେ ଖାଇଥାନ୍ତି। ନୂଆ ଚାଉଳର ଭାତ, ପିଠା, ତରକାରି ପ୍ରଥମେ ଗ୍ରାମଦେବୀଙ୍କ ନିକଟରେ ପୂଜା କରି ଗ୍ରାମର ବୟଜ୍ୟେଷ୍ଠ ବ୍ୟକ୍ତି ପ୍ରଥମେ ଖାଆନ୍ତି ଓ ପରେ ଅନ୍ୟମାନେ ଖାଆନ୍ତି। ଏହି ତିଆରରେ ଆବାଳ ବୃଦ୍ଧ ବନିତା ନୂତନ ବସ୍ତ୍ର ପରିଧାନ କରନ୍ତି। ପେରୁପତ୍ର ବା ମହୁଲପତ୍ରରେ ନୂଆ ଖାଇଲା ପରେ ବୟଜ୍ୟୋଷ୍ଠ ମାନଙ୍କୁ ଜୁହାର ହୋଇଥାନ୍ତି। ସମସ୍ତେ ନାଚଗୀତରେ ଦିନ କଟାନ୍ତି।

# ଚୋରି ରୋକିବା ଉପରେ ଗୁରୁତ୍ୱାରୋପ

**ଆମ ପୋଲିସ ବୈଠକ**

ମାଲକାନଗିରି,୧।୧୦ (ଡି.ଏନ୍.ଏ.)

ମାଲକାନଗିରି ସଦର ମହକୁମାସ୍ଥିତ ଆଦର୍ଶ ଥାନା ପକ୍ଷରୁ ଆମ ପୋଲିସ ବୈଠକ ଆଇଆଇସି ରାମପ୍ରସାଦ ନାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସହରରେ ଶାନ୍ତିଶୃଙ୍ଖଳା, ଚୋରି ଏବଂ ଗୃହପାଳିତ ପ୍ରାଣୀ ରାସ୍ତାରେ ବୁଲିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଏହାକୁ କିପରି ରୋକାଯାଇପାରିବ ସେ ନେଇ ସମିତିର ସଭ୍ୟମାନେ ନିଜ ମତ ଦେଇଥିଲେ। ପୌର ପରିଷଦ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଅବଗତ କରାଯିବା ସହ ପୋଲିସ ସହାୟତାରେ ଆଗାମୀ ଦିନରେ ରାସ୍ତାରେ ବୁଲୁଥିବା ଗୃହପାଳିତ ପ୍ରାଣୀଙ୍କୁ ସହରରୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବାକୁ ନିଷ୍ପତ୍ତି ହୋଇଥିଲା। ସେହିପରି ସାପ୍ତାହିକ ବଜାର ଦିନ ମାଲକାନଗିରି ସଦର ମହକୁମା ବାଲିମେଳା ଛକରୁ ହାଇସ୍କୁଲ ଛକ ପର୍ଯ୍ୟନ୍ତ କୌଣସି ଭାରିଯାନ ଯାତାୟାତକୁ ନିଷେଧ କରିବା, ସଡକ ପରିବହନ ନିୟମ ଏବଂ ହେଲମେଟ ବ୍ୟବହାର ପାଇଁ ଆମ ପୋଲିସ ତରଫରୁ ସଚେତନ ଜାରି ରହିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସେହିପରି ମାଲକାନଗିରି ଜିଲାରେ ରାଜ୍ୟ ବାହାରୁ ଅନେକ ଅପରିଚିତ ବ୍ୟକ୍ତି ବ୍ୟବସାୟ ବାହାନାରେ ଜିଲା ସଦର ମହକୁମାରେ ମାସ ମାସ ଧରି ରହୁଛନ୍ତି। ସେମାନଙ୍କ ପ୍ରକୃତ ପରିଚୟ ସହ ସହରରେ ଘରଭଡା ଦେଉଥିବା ଘର ମାଲିକମାନେ ଭଡା ଦେବା ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ସମ୍ପର୍କରେ ଥାନାକୁ ଜଣାଇବାକୁ ବୈଠକରେ କୁହାଯାଇଥିଲା।


ମାଲକାନଗିରି ଜିଲା କୋରୁକୋଣ୍ଡା ନିକଟସ୍ଥ ଏମଭି-୩୪ଠାରେ ପୂଜା କମିଟି ପକ୍ଷରୁ ଆରମ୍ଭ ହୋଇଥିବା ଶାରଦୀୟ ଦୁର୍ଗାପୂଜା।


ଅତିଥିଙ୍କ ଗହଣରେ ଗଣଦୌଡ଼ରେ ସାମିଲ ହୋଇଥିବା ପ୍ରତିଯୋଗୀମାନେ।

# ଜିଲା ପ୍ରତିଷ୍ଠା ଦିବସ ଉପଲକ୍ଷେ ଗଣଦୌଡ଼

ମାଲକାନଗିରି,୧।୧୦(ଡି.ଏନ.ଏ)

ମାଲକାନଗିରି ଜିଲା ସଦର ମହକୁମାଠାରେ ଜିଲାର ୨୭ତମ ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ପ୍ରଗତିଶୀଳ ନାଗରିକ ମଞ୍ଚ ପକ୍ଷରୁ ମଙ୍ଗଳବାର ଏକ ଗଣଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଏସପି ରିଷିକେଶ ଡି. ଖିଲାରୀ ଶୁଭାରମ୍ଭ କରିଥିଲେ । ଗଣଦୌଡ଼ ସ୍ଥାନୀୟ ଡିଏନ୍‌କେ ଖେଳ ପଡ଼ିଆରୁ ବାହାରି ଆଇଏମଏସଟି ବିଦ୍ୟାଳୟ ଛକ, ବାଲିମେଳା ଛକ, ଡିଏନ୍‌କେ ଛକ ଦେଇ ଷ୍ଟାଡ଼ିୟମଠାରେ ଶେଷ ହୋଇଥିଲା । ସେଠାରେ ଆୟୋଜିତ ସଭାରେ ମଞ୍ଚର ଆବାହକ ଦୁର୍ଗା ପ୍ରସାଦ ତ୍ରିପାଠୀ, ସାଧାରଣ ସମ୍ପାଦକ ତପନ କୁମାର ସାନା, ଉପସଭାପତି ସୁରେନ୍ଦ୍ରନାଥ ପାଢ଼ୀ ଯୋଗଦେଇ ଏଭଳି ଗଣଦୌଡ ଦ୍ୱାରା ଏକତା ସହ ଭ୍ରାତୃଭାବ ଜାଗ୍ରତ ହୋଇପରିବ। ଜିଲାର ପ୍ରଗତିରେ ଏହା ସହାୟକ ହୋଇପାରିବ ବୋଲି ସେ କହିଥିଲେ । ଗଣଦୌଡ଼ରେ ଏସ୍‌ପିଙ୍କ ସହ ଶତାଧିକ ଛାତୀଛାତ୍ର, ବୁଦ୍ଧିଜୀବୀ, କ୍ରୀଡ଼ାବିତ୍, ବରିଷ୍ଠ ନାଗରିକ, ପୋଲିସ କର୍ମଚାରୀ ଅଂଶଗ୍ରହଣ କରିଥିଲେ । ଏଥିରେ ପୁରୁଷ ବିଭାଗରେ ବୁଦ୍ରା ବିଶିନାୟକ ପ୍ରଥମ, ଅନି ସାଲବମ ଦ୍ୱିତୀୟ, ସନ୍ତୋଷ ଭତ୍ରା ତୃତୀୟ, ଦିୱାନା ଗୁୟାଲତ ଚତୁର୍ଥ, ଶୁକ୍ରା କିରସାନି ପଞ୍ଚମ ଓ ଧନ ଭୂମିଆ ଷଷ୍ଠ ସ୍ଥାନ ଅଧିକାର କରିଥିଲେ। ସେହିପରି ମହିଳା ବିଭାଗରେ ସମାରୀ ଗୋଲରି ପ୍ରଥମ, ଲକ୍ଷ୍ମୀ ପୂଜାରୀ ଦ୍ୱିତୀୟ ଓ ଫୁଲମତି ପୁଲା ତୃତୀୟ ସ୍ଥାନ ଅଧିକାର କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ବୁଧବାର ଜିଲା ପ୍ରତିଷ୍ଠା ଦିବସ ପାଳନ ଅବସରରେ ପୁରସ୍କୃତ କରାଯିବ ।

# ନିର୍ଯ୍ୟାତନା ଦେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ: ଜିଲାପାଳ

**ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ**

ମାଲକାନଗିରି/ଚିତ୍ରକୋଣ୍ଡା/କାଲିମେଳା କୋରୁକୋଣ୍ଡା,୧।୧୦(ଡି.ଏନ୍.ଏ.)

ମାଲକାନଗିରି ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ବରିଷ୍ଠ ପାଗରିକ ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ନାଗରିକମାନଙ୍କୁ ନିର୍ଯାତନା ଦେଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ମନୀଷ ଅଗ୍ରୱାଲ କହିଛନ୍ତି। ମାଲକାନଗିରି ବ୍ଲକ ଓ ପୌର ପରିଷଦର ମିଳିତ ଆନୁକୂଲ୍ୟରେ ପୌର ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଏହା କହିଛନ୍ତି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମୀ, ସମ୍ମାନିତ ଅତିଥି ରୂପେ ଜିଲ୍ଲାପାଳ ଅଗ୍ରୱାଲ, ଉପଜିଲାପାଳ ରାମେଶ୍ୱର ପ୍ରଧାନ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ବିଡିଓ ଗୁଣନିଧି ନାୟକ, ପୌର ନିର୍ବାହୀ ଅଧିକାରୀ ଏମ୍. ନୀଳକଣ୍ଠ ନାଇଡୁ, ମାଲକାନଗିରି ପଞ୍ଚାୟତ ସମିତି ଉପାଧ୍ୟକ୍ଷା ବାଲାନ୍ତି ଗୋପାଲ, ଡ. ଧନୁର୍ଜୟ ମହନ୍ତ, ଜିଲା ଗ୍ରାମ କଲ୍ୟାଣ ସମିତିର ପରିଚାଳକ ସଚିନଦେବ ଗୌଡ, ବରିଷ୍ଠ ନାଗରିକ ଦୁର୍ଯ୍ୟୋଧନ ପାତ୍ର, କେ. ଭେଙ୍କଟ ରାମାଣା, ସିମାଞ୍ଚଳ ପାଣିଗ୍ରାହୀ, ଆନନ୍ଦ ଚନ୍ଦ୍ର ପାଢୀ ପ୍ରମୁଖ ଯୋଗଦେଇ ବିଶ୍ୱ ବରିଷ୍ଠ ନାଗରିକ ଦିବସ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରି ବରିଷ୍ଠ ନାଗରିକଙ୍କ ପାଇଁ ସରକାର କରିଥିବା ପେନସନ୍, ସ୍ୱାସ୍ଥ୍ୟ, ଖାଦ୍ୟ ସୁରକ୍ଷା, ସାମାଜିକ ସୁରକ୍ଷା, ଆଇନଗତ ବ୍ୟବସ୍ଥା ନେଇ ଅତିଥିମାନେ ଆଲୋଚନାକରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିନାଶ ମିଶ୍ରଙ୍କ ଜାଦୁ ଖେଳ ବରିଷ୍ଠ ନାଗରିକଙ୍କୁ ଆକୃଷ୍ଟ କରିଥିଲା। ପରେ ବରିଷ୍ଠ ନାଗରିକମାନଙ୍କୁ ଜିଲାପାଳ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ।

ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଆନୁକୂଲ୍ୟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ବିଡ଼ିଓ ଲରିମନ ଖରସେଲଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତହସିଲଦାର ଟି. ପଦ୍ମନାଭ ଦୋରା, ମୁଖ୍ୟବକ୍ତା ରୂପେ ଡାକ୍ତର ଦୀପକ ନାୟକ ଓ ସମ୍ମାନିତ ଅତିଥି ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମରଞ୍ଜନ ଦାଶ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରାଧାମଣି ଦଳାଇ, ଥାନା ଅଧିକାରୀ ଯୁଗଳ ଶବର, ଏମଆଇ ଅଭୟ ଦାଶ,ବରିଷ୍ଠ ନାଗରିକ ଦେବେନ୍ଦ୍ର ଦାଶ ଓ ସୋମନାଥ ବେହେରା ଯୋଗ ଦେଇଥିଲେ। ଏହି ଅବସରରେ ଉପସ୍ଥିତ ବରିଷ୍ଠ ନାଗରିକମାନଙ୍କୁ ସ୍ଥାନୀୟ ସରସ୍ୱତୀ ବିଦ୍ୟା ମନ୍ଦିର ଶିଶୁମାନେ ଚନ୍ଦନ ଲଗାଇ ସମ୍ମାନିତ କରିଥିଲେ। ବରିଷ୍ଠ ନାଗରିକମାନେ ହସଖୁସିରେ ରହିଲେ ସମାଜରେ ଅନେକ ସମସ୍ୟାର ସହଜ ସମାଧାନ ହୋଇପାରିବ। ପ୍ରତ୍ୟେକ ପରିବାରରେ ସେମାନଙ୍କୁ ଅବହେଳା କରାଯିବା ଉଚିତ୍ ନୁହେଁ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଚିତ୍ରକୋଣ୍ଡା ଡିଏଭି ଗୁରୁକୁଳ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

କୋରୁକୋଣ୍ଡା ବ୍ଲକ ପକ୍ଷରୁ ମଙ୍ଗଳବାର ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପଡିଆମୀ, ସମ୍ମାନିତ ଅତିଥି ରୂପେ ମାଲକାନଗିରି ଏଡିଜେ ଅମରେଶ ନାୟକ, ମେଡ଼ିକାଲ ଅଫିସର ଦେବାଶିଷ ନାୟକ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନଶିକ୍ଷକ ଏବଂ ବିଡିଓ ଦାଶରଥି ସରାବୁ ଉପସ୍ଥିତ ଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।ପରେ ସେମାନଙ୍କୁ ସମ୍ମାନିତ କରାଯାଇଥିଲା।ସେମାନଙ୍କ ମଧ୍ୟରେ ମ୍ୟୁଜିକ୍ ଚେୟାର କ୍ରୀଡା ପ୍ରତିଯୋଗିତା ହୋଇଥିଲା । ୨ଶହରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିଏସଏସଓ ରାଜୀବ ପୂଜାରୀ ପରିଚାଳନା କରିଥିଲେ।

କାଲିମେଳା ବ୍ଲକ କାର୍ଯାଳୟ ସଭାଗୃହରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି । ଏଥିରେ ବ୍ଲକ ଅଧ୍ୟକ୍ଷ ମାଲା ମାଢି ମୁଖ୍ୟଅତିଥି,ମେଡିକାଲ ଅଫିସର ଡା. ଅବିଦ ହୁସେନ ଖାନ, ଡା. ରାଧାଶ୍ୟାମ ଜେନା,ପୂର୍ବତନ ଜିଲା ପରିଷଦ ସଭ୍ୟ ଭଗବାନ ହନ୍ତାଳ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ବିଡିଓ ଉମାଶଙ୍କର ଦଳାଇ ଅଧ୍ୟକ୍ଷତା କରିଥିଲେ। ଆଇସିଡିଏସର ଦୁଲାଲ ସେନାପତି ଅତିଥି ପରିଚୟ ଦେଇଥିଲେ। ବରିଷ୍ଠ ନାଗରିକମାନେ ଦେଶର ଅମୂଲ୍ୟ ସମ୍ପଦ। ସେମାନେ ଦେଶର ଜ୍ଞାନ ଅନୁଭୂତିର ଗନ୍ତାଘର। ସେମାନଙ୍କ ମାର୍ଗ ଦର୍ଶନରେ ଦେଶ ବହୁ ଭାବରେ ଉପକୃତ ହୋଇଥାଏ। ଯେଉଁ ଜାତି ବରିଷ୍ଠ ନାଗରିକଙ୍କୁ ସମ୍ମାନ ଦେଇ ଜାଣିନି ସେ ଜାତିର ଉନ୍ନତି କେବେ ହୋଇପରିବ ନାହିଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରାଯାଇଥିଲା। ବିଏସସିଓ ଦେଶା କାମରାମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


ମାଲକାନଗିରିରେ ପ୍ରଶାସନ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କୁ ସମ୍ମାନିତ କରାଯାଉଛି।


ଚିତ୍ରକୋଣ୍ଡାରେ ବିଶ୍ୱ ବରିଷ୍ଠ ନାଗରିକ କାର୍ଯ୍ୟକ୍ରମ।


କାଲିମେଳାରେ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ବୁଧବାର, ଅକ୍ଟୋବର ୨/୨୦୧୯ Rayagada, Wednesday, October. 2 / 2019

# ପାଠ୍ୟପୁସ୍ତକରେ ଭୁଲ ଲେଖାଯାଇଛି ବାପୁଜୀଙ୍କ ନାମ

ପଦ୍ମପୁର,୧।୧୦(ଡ଼ି.ଏନ.ଏ)

### ଦ୍ୱନ୍ଦ୍ୱରେ ଛାତ୍ରୀଛାତ୍ର




ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ବୁଧବାର ପାଳନ କରାଯିବ । ହେଲେ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ପାଠ୍ୟ ପୁସ୍ତକରେ ତ୍ରୁଟି ଦେଖିବାକୁ ମିଳିଛି। ବିଭିନ୍ନ ବହିରେ ବାପୁଜୀଙ୍କ ନାମ ଭିନ୍ନ ଭିନ୍ନ ଲେଖାଯାଇଛି । ଏହାକୁ ନେଇ ଛାତ୍ରୀଛାତ୍ର ଦ୍ୱନ୍ଦ୍ୱରେ ପଡୁଛନ୍ତି, ଯାହାକୁ ନେଇ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଦ୍ୱିତୀୟ ଶ୍ରେଣୀ ହସଖୁସି ବହି, ୩ୟ ଶ୍ରେଣୀ ଆମ ଭାଷା,ଆମ ସାହିତ୍ୟ ବହି, ୫ମ ଶ୍ରେଣୀ ସାହିତ୍ୟ କୁସୁମ ବହି, ୩ୟ ଶ୍ରେଣୀ ଜଣାଅଜଣା ଆଦି ବହିରେ ମହାତ୍ମା ଗାନ୍ଧି ଲେଖାଯାଇଛି। ସେହିପରି ୧ମ ଶ୍ରେଣୀ ହସଖେଳ ୨ୟ ଭାଗ, ୪ର୍ଥ ଶ୍ରେଣୀ ସାହିତ୍ୟ କଳିକା, ୫ମ ବାପୁଜୀଙ୍କ ଚିତ୍ର ଥାଇ ମହାତ୍ମାଗାନ୍ଧୀ ଲେଖାଯାଇଛି । ସେହିପରି ୨ୟରୁ ୫ମ ଶ୍ରେଣୀ ଓଡ଼ିଆ ବହିର ୭୨ ପୃଷ୍ଠାରେ ମହାତ୍ମାଗାନ୍ଧୀ, ପୃଷ୍ଠା-୭୪ରେ ମହାତ୍ମ୍ ଗାନ୍ଧି,ପୃଷ୍ଠା ୭୬ରେ ମହାତ୍ମା ଗାନ୍ଧୀ, ପୃଷ୍ଠା ୭୮ରେ ମହାତ୍ମା ଗାନ୍ଧୀ ଉଲ୍ଲେଖ ରହିଛି । ଫଳରେ ଛାତ୍ରୀଛାତ୍ର କେଉଁଟା ଠିକ୍ ଓ ଭୁଲ ଜାଣି ପାରୁନାହାନ୍ତି । ସରକାରୀ ପାଠ୍ୟ ପୁସ୍ତକରେ ଏଭଳି ତ୍ରୁଟିକୁ ତୁରନ୍ତ ସଂଶୋଧନ କରିବାକୁ ସାଧାରଣରେ ମତପ୍ରକାଶ ପାଇଛି।

## ଦଲାଲଙ୍କ ଘରୁ ଲକ୍ଷାଧିକ ଟଙ୍କା ଜବତ

କୋରାପୁଟ,୧।୧୦(ସ୍ୱ.ପ୍ର.)

କୋରାପୁଟ ଟାଉନ ପୋଲିସ ଥାନା ପକ୍ଷରୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଦଲାଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ସହରର ଜଣେ ଦଲାଲଙ୍କ ଘର ଉପରେ ଚଢ଼ାଉ କରି ନଗଦ ୪ ଲକ୍ଷ ୩ ହଜାର ଟଙ୍କା ସମେତ ବହୁ ଆରସିଓ କାଗଜପତ୍ର ଜବତ କରାଯାଇଛି। ଏହି ଚଢ଼ାଉ ସମୟରେ ଦଲାଲ ଜଣକ ଘରେ ନ ଥିଲେ।

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



ଗୁଡାରୀ, ୧।୧୦(ଡି.ଏନ୍.ଏ.)

ଗୁଡାରୀ ହାଇସ୍କୁଲରେ ଅଷ୍ଟମ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏବିଡିଓ କବିବର ପ୍ରଧାନ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଥିରେ ୧୫୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ରାଧାକାନ୍ତ ଗୁରୁଙ୍କ ତତ୍ତ୍ୱାବଧାନରେ ବ୍ଲକର ସମସ୍ତ କ୍ରୀଡ଼ା ଶିକ୍ଷକ ଉପସ୍ଥିତ ଥିଲେ। କୃତି ଛାତ୍ରୀଛାତ୍ରମାନେ ଜିଲାସ୍ତରୀୟ ପ୍ରତିଯୋଗିତାରେ ସାମିଲ ହେବେ। ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବି. ଗୋବିନ୍ଦ ରାଓଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କ୍ରୀଡ଼ାଶୋବରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

■ ଗଣିତ ପ୍ରଶ୍ନର ଉତ୍ତର ଦେଇ ନ ପାରିବାରୁ

# ୮ ପିଲାଙ୍କୁ ନିସ୍ଥୁକ ପିଟିଲେ ଶିକ୍ଷୟିତ୍ରୀ

ଜୟପୁର,୧।୧୦(ନି.ପ୍ର.)

ଦଣ୍ଡମୁକ୍ତ ଅଞ୍ଚଳରେ ଛାତ୍ରୀଛାତ୍ରଙ୍କୁ ନିସ୍ଥୁକ ମାଡ଼ ମାରିଛନ୍ତି ଜଣେ ଶିକ୍ଷୟିତ୍ରୀ। ତାଙ୍କ ମାଡ଼ରେ ଲହୁଲୁହାଣ ହୋଇଛନ୍ତି ଜଣେ କି ଦୁଇଜଣ ନୁହେଁ, ବରଂ ୮ ଜଣ ଛାତ୍ରୀଛାତ୍ର। ଜୟପୁର ବ୍ଲକ ଅନ୍ତର୍ଗତ ଧନପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଏଭଳି ଘଟଣା ଘଟିଛି।

ସୂଚନା ଅନୁଯାୟୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱରେ ଥିବା ତନ୍ମୟୀ ପଟ୍ଟନାୟକ ଦଶମ ଶ୍ରେଣୀର ୫ ଜଣ ଛାତ୍ର ଓ ୩ ଜଣ ଛାତ୍ରୀଙ୍କୁ ଗତ ସୋମବାର ମାଡ଼ ମାରିଥିଲେ। ଶିକ୍ଷୟିତ୍ରୀ ଜଣକ ଗଣିତ ପ୍ରଶ୍ନ ପଚାରିଥିବା ବେଳେ ସେମାନେ ଉତ୍ତର ନ ଦେବାରୁ ବାଡ଼ିରେ ସେମାନଙ୍କୁ ନିସ୍ଥୁକ ପିଟିଥିଲେ। ବାଡ଼ି ଭାଙ୍ଗିଯିବା ପରେ ଆହୁରି ବାଡ଼ି ଆଣି ପିଟିଥିଲେ। ଉକ୍ତ ଶ୍ରେଣୀରେ ୨୨ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ଏନେଇ ପ୍ରଧାନ ଶିକ୍ଷୟିତ୍ରୀ ତନ୍ମୟୀ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଥିଲେ, ଗତ ବର୍ଷ ମାଟ୍ରିକ ପରୀକ୍ଷା ଫଳ ଶୁନ ହୋଇଥିଲା। ମୁଁ ଗଣିତ ଶିକ୍ଷୟିତ୍ରୀ । ଛାତ୍ରୀଛାତ୍ରଙ୍କୁ ବାରମ୍ବାର ପଢ଼ାଇବା ପରେ ମଧ ସେମାନେ ଉତ୍ତର ଦେଇପାରୁ ନାହାନ୍ତି। ଗତ ବର୍ଷର ପରୀକ୍ଷା ଫଳ ପାଇଁ ବାର୍ଷିକ ବର୍ଦ୍ଧିତ ଦରମା ବନ୍ଦ କରିଛନ୍ତି ବିଭାଗ। ଅନ୍ୟପକ୍ଷରେ ଏହି ଘଟଣା ପ୍ରଚାର ହେବା ପରେ ଶିଶୁ ମଙ୍ଗଳ ସମିତିର ଅଧକ୍ଷା ଗାୟତ୍ରୀ ଦେବୀ, ରମେଶ ରଥ, ଧର୍ମେନ୍ଦ୍ର ଜେନା ସେଠାକୁ ଯାଇ ତଦନ୍ତ କରିବା ସହ ଅଭିଭାବକଙ୍କ ବୟାନ ରେକର୍ଡ କରି ପିଲାଙ୍କ ଡାକ୍ତରୀ ମାଇନା କରାଇଛନ୍ତି। ଅଭିଭାବକମାନେ ଥାନାରେ ଅଭିଯୋଗ କରିବା ପାଇଁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ମା' ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି, ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।
-ସନ୍ଥ ତୁଳସୀ ଦାସ

# ଜୟପୁର ଦଶହରା ଥିଲା ରାଜକୀୟ, ଏବେ ଆଧୁନିକ

**ଏବେ ଆଉ ସେ ରାଜାରାଜୁଡ଼ା ଅମଳର ହାତୀ କି ଘୋଡ଼ା ନାହିଁ ସତ; କିନ୍ତୁ ଅବିଭକ୍ତ କୋରାପୁଟର ବିଭିନ୍ନ ଦେବୀପୀଠରୁ ପ୍ରତୀକ ଲାଠି, ଖଡ୍ଗ, ଗାଦି ଓ ପାଲିଙ୍କି ଏବେ ମଧ ଜୟପୁର ଦଶହରା ପଟୁଆରରେ ସାମିଲ ହେଉଛି। ଦଶହରା ପଡ଼ିଆରେ ବାଜାବାଜଣା, ପାଇକ ଆଖଡ଼ା, ଆଦିବାସୀ ନୃତ୍ୟ, ଆତସବାଜି ମଧ ଜମୁଛି।**

ସୁପ୍ରୀତ ପୂଜାରୀ
ଜୟପୁର,୧।୧୦

ଦକ୍ଷିଣ ଓଡ଼ିଶାର ଏକ ମୁଖ୍ୟ ଗଣପର୍ବ ହେଉଛି ଜୟପୁରର ଐତିହାସିକ ଦଶହରା। ଜୟପୁର ରାଜବଂଶ ଅମଳରୁ ପାଳିତ ହୋଇଆସୁଥିବା ଦଶହରା ଏବେ ଯଦିଓ ନିଜ ରାଜକୀୟ ଶୈଳୀ ହରେଇଛି ; କିନ୍ତୁ ଆଧୁନିକତାର ଛାପରେ ଏହା ନିଜର ଅନ୍ୟ ବିଶେଷତା ପାଇଛି। ରାଜାରାଜୁଡ଼ା ଅମଳର ହାତୀ ଓ ଘୋଡ଼ା ନ ଥିଲେ ମଧ ବିଭିନ୍ନ ଦେବୀପୀଠରୁ ପ୍ରତୀକ ଲାଠି, ଖଡ୍ଗ, ଗାଦି ଓ ପାଲିଙ୍କି ଦଶହରା ବେଳେ ଜୟପୁରରେ ପହଞ୍ଚିବା ଏବେ ବି ଜାରି ରହିଛି। ସେମାନଙ୍କୁ ବିରାଟ ପଟୁଆରରେ ପ୍ରଥମେ ପୁରୁଣାଗଡ଼ ଦକ୍ଷିଣକାଳୀ ମନ୍ଦିର ଓ ସେଠାରୁ ଭଗବତୀ ମନ୍ଦିର ନିଆଯାଏ। ଏହି ପଟୁଆର ହିଁ ଲୋକଙ୍କ ପାଇଁ ମୁଖ୍ୟ ଆକର୍ଷଣ। ସେଥିରେ ଥାଏ ବାଜାବାଜଣା, ପାଇକ ଆଖଡ଼ା, ଆଦିବାସୀ ନୃତ୍ୟ, ଆତସବାଜିର ଝଲକ।

**ଜୟପୁର ଦଶହରାର ଇତିହାସ ରାଜକୀୟ**

ଜୟପୁର ରାଜବଂଶର ମହାରାଜ ପ୍ରଥମ ରାମଚନ୍ଦ୍ର ଦେବ ୧୭୫୧ରେ ନନ୍ଦପୁରରୁ ଜୟପୁର ନିକଟସ୍ଥ ନାକଟିଡଙ୍ଗର (ପାହାଡ଼) ପାଦଦେଶର ପୁରୁଣାଗଡ଼ ଅଞ୍ଚଳରେ ନିଜ ରାଜଧାନୀ ସ୍ଥାପନ କରିଥିଲେ। କିନ୍ତୁ ୧୭୯୧ରେ ଦ୍ୱିତୀୟ ରାମଚନ୍ଦ୍ର ଦେବଙ୍କ ସମୟରେ ସେଠାରୁ ଜୟପୁରକୁ ରାଜଧାନୀ ସ୍ଥାନାନ୍ତରିତ ହୋଇଥିଲା। ତେବେ ତୃତୀୟ ବିକ୍ରମଦେବଙ୍କ ସମୟରୁ ଜୟପୁରରେ ଦଶହରା ଆଡ଼ମ୍ବର ସହକାରେ ପାଳିତ ହେଉଥିବା ଜୟପୁରର ବିଭିନ୍ନ ଇତିହାସ ପୋଥିରେ ଉଲ୍ଲେଖ ରହିଛି। ଦଶହରାରେ ହାତୀ ଓ ଘୋଡାଙ୍କୁ ବିଭିନ୍ନ ବେଶଭୂଷାରେ ସଜାଯାଇ ରାତିରେ ରାଜନଅରରୁ ଦଶହରା ପଡ଼ିଆ ଯାଏ ବିରାଟ ପଟୁଆର ବାହାରୁଥିଲା। ରାଜା, ପରିବାର ଲୋକ, ପାରିଷଦ ବର୍ଗ, ଅତିଥି ଭାବେ ବ୍ରିଟିଶ ଅଧିକାରୀ ହାତୀ ଉପରେ ବିରାଜମାନ ହେଉଥିଲେ। ଶୋଭାଯାତ୍ରାରେ ଆଦିବାସୀ ନୃତ୍ୟ, ସଂଗୀତ, ନାଟ ମୁଖ୍ୟ ଆକର୍ଷଣ ସାଜୁଥିଲା। ପୂର୍ବରୁ ଜୟପୁର ଅଧିଷ୍ଠାତ୍ରୀ ଦେବୀ ଭାବେ ମା' ଭଗବତୀ, ପୁରୁଣାଗଡ଼ର ଦକ୍ଷିଣକାଳୀ ଏବଂ ମହାରାଜାଙ୍କ ଇଷ୍ଟଦେବୀ ରାଜନଅର ଭିତର ମନ୍ଦିରରେ ପୂଜା ପାଉଥିବା କନକଦୁର୍ଗାଙ୍କ ଅଷ୍ଟଧାତୁ ପ୍ରତିମୂର୍ତ୍ତିକୁ ବିମାନରେ ନିଆଯାଉଥିଲା। ଏହାସହ ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରାୟ ଶତାଧିକ ଦେବୀପୀଠର ପ୍ରତୀକ ଲାଠି, ଖଡ୍ଗ ଓ ଗାଦି ପଟୁଆର ଆଗରେ ରହିଥାଏ। ଦଶହରା ପଡ଼ିଆରେ ଲାଖବିନ୍ଧା ପ୍ରତିଯୋଗିତା ଜମେ। ସେହିପରି ରାଜାଙ୍କ ସୌରାସାହି ଓ ଗଡ଼ିଆସାହିର ପାଇକ ଆଖଡ଼ା ଦଳ ପଟୁଆରରେ ବିଭିନ୍ନ ରଣକୌଶଳ ଦେଖାନ୍ତି। ସ୍ଥାନୀୟ ବୟୋଜ୍ୟେଷ୍ଠଙ୍କ କହିବା ଅନୁଯାୟୀ ପଡ଼ୋଶୀ ବସ୍ତର ରାଜ୍ୟର ରାଜାଙ୍କୁ ଯୁଦ୍ଧରେ ହରାଇବା ପରେ ଜୟପୁର ରାଜା ସେହି ରାଜ୍ୟର ପତାକା ଆଣି ବିଜୟ ଦିବସ ପାଳିଥିଲେ। ଦଶହରାରେ ପ୍ରଜାମାନେ ରାଜାଙ୍କ ସହ ସାକ୍ଷାତ ଓ ତାଙ୍କଠାରୁ ଭେଟି ସ୍ୱରୂପ ବିଭିନ୍ନ ସାମଗ୍ରୀ ମିଳିବାର ପରମ୍ପରା ଥିଲା।

**ଦେବୀଙ୍କ ସୁନାବେଶ**

ରାଜାରାଜୁଡ଼ା ସମୟରେ ଦଶହରା ପାଳନ ବେଳେ ମା' ଭଗବତୀ ଓ ଦକ୍ଷିଣକାଳୀଙ୍କୁ ସୁନାବେଶରେ ଭୂଷିତ କରାଯାଉଥିଲା । ମା' ଭଗବତୀଙ୍କ ଏକ ହଜାର ଗ୍ରାମ୍‌ରୁ ଊର୍ଦ୍ଧ୍ୱ ସ୍ୱର୍ଣ୍ଣ ଅଳଙ୍କାର ରହିଛି । ସେଥିରେ ୨୪ ଗ୍ରାମ୍ ଓଜନର କମରପଟା, ୮୨ ଗ୍ରାମ୍‌ର ସ୍ୱର୍ଣ୍ଣମାଳି, ୪୨୫ ଗ୍ରାମ୍‌ର ସୁନା ମୁକୁଟ ଓ ଅନ୍ୟ ଆଭୂଷଣ ରହିଛି । ୧୯୭୪ରେ ଏହାକୁ ସ୍ଥାନୀୟ ସ୍ୱତନ୍ତ୍ର ଟ୍ରେଜେରୀରେ ରଖାଯାଇଥିଲା । ୨୦୦୬ରୁ ସବୁ ବର୍ଷ କଡ଼ା ସୁରକ୍ଷାରେ ଟ୍ରେଜେରୀରୁ କିଛି ଅଳଙ୍କାର ବାହାର କରାଯାଇ ଷଷ୍ଠୀ ତିଥିରେ ଦକ୍ଷିଣକାଳୀ ଓ ସପ୍ତମୀରେ ମା' ଭଗବତୀଙ୍କ ସୁନାବେଶ କରାଯାଉଛି।

**ପ୍ରଚାର ପ୍ରସାର କରୁ ପର୍ଯ୍ୟଟନ ବିଭାଗ**



ଜୟପୁର ଦଶହରାର ଦକ୍ଷିଣ ଓଡ଼ିଶାରେ ସ୍ୱତନ୍ତ୍ରତା ଥିବାରୁ ଏହାକୁ ଧୁମ୍‌ଧାମ୍‌ରେ ପାଳିବା ପାଇଁ ପୂଜା କମିଟି ପ୍ରୟାସ କରୁଛି। ବାହାର ପର୍ଯ୍ୟଟକ ଓ ଜନତା ଏହାକୁ ଦେଖିବା ପାଇଁ ବିଶେଷ ବ୍ୟବସ୍ଥାର ଆବଶ୍ୟକତା ରହିଛି। ଜୟପୁର ଦଶହରାର ଇତିହାସ ସମ୍ପର୍କରେ ପର୍ଯ୍ୟଟନ ବିଭାଗ ପୁସ୍ତକ କିମ୍ବା ଫଟୋଚିତ୍ର ସଙ୍କଳନ ମାଧମରେ ଏହାର ପ୍ରଚାର ପ୍ରସାଦ କରିବା ଜରୁରୀ।
- ଶ୍ୟାମସୁନ୍ଦର ରଥ, ବରିଷ୍ଠ ନାଗରିକ

**ପଚାଶ ଦଶକରେ ରଥପଡ଼ିଆରେ ଆରମ୍ଭ ହୋଇଥିଲା ପୂଜା**



ପଚାଶ ଦଶକରେ ଜୟପୁର ସହରର ରଥପଡ଼ିଆରେ ପ୍ରଥମେ ଦେବୀଙ୍କ ମୃଣ୍ମୟ ମୂର୍ତ୍ତି ସ୍ଥାପନ କରାଯାଇ ପୂଜା ଆରମ୍ଭ କରାଯାଇଥିଲା। ମଝିରେ କେତେକ ଲୋକଙ୍କୁ ନେଇ ନାମକ ମାତ୍ର ମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା ଚାଲିଥିଲା। କିନ୍ତୁ ଗତ ୧୫ ବର୍ଷରୁ ଅଧିକ ହେବ, କମିଟି ଗଠନ କରାଯାଇ ପୂଜାକୁ ଆଡ଼ମ୍ବରପୂର୍ଣ୍ଣ କରାଯାଇଛି। ଯାତ୍ରାରେ ୪ ଲକ୍ଷରୁ ଅଧିକ ଟଙ୍କା ରଥପଡ଼ିଆ ପୂଜା କମିଟି ଖର୍ଚ୍ଚ କରୁଛି।
- ପି. ଅନିଲ କୁମାର, ରଥପଡ଼ିଆ ପୂଜା କମିଟି

**ଅବିଭକ୍ତ କୋରାପୁଟର ଶାନ୍ତି, ସୁରକ୍ଷା ପାଇଁ ଏହି ପୂଜା**



ଆଧୁନିକ ସାଜସଜ୍ଜା ହେଉ କି ନ ହେଉ, କିନ୍ତୁ ସହରର ମୁଖ୍ୟପୀଠ ଭଗବତୀ ଓ ଦକ୍ଷିଣକାଳୀ ମନ୍ଦିରରେ ଷୋଡ଼ଶ ଉପଚାର, ଯଜ୍ଞ ଓ ପୂଜାର୍ଚ୍ଚନା ବିଧି ଅନୁସାରେ ହେଉଛି। କେବଳ ଜୟପୁର ନୁହେଁ, ଅବିଭକ୍ତ କୋରାପୁଟ ଜିଲାର ଶାନ୍ତି ଓ ସୁରକ୍ଷା ପାଇଁ ଏହି ପୂଜା କରାଯାଉଛି। ରାଜାରାଜୁଡ଼ା ଅମଳରୁ ଏଯାବତ୍ ଅବିଭକ୍ତ କୋରାପୁଟ ଜିଲାର ସମସ୍ତ ଦେବୀପୀଠର ପ୍ରତୀକ ଏହି ପର୍ବରେ ଯୋଗ ଦେଉଛନ୍ତି।
- ଧୀରେନ୍ଦ୍ର ରଥ, ମା' ଭଗବତୀ ପୀଠ ମୁଖ୍ୟ ପୂଜକ



ଜୟପୁର ଘରୋଇ ବସ୍‌ଷ୍ଟାଣ୍ଡରେ ଆକର୍ଷଣୀୟ ତୋରଣ ।



ଜୟପୁର ରଥପଡ଼ିଆସ୍ଥିତ ତୋରଣ ।

## ଶୋଭା ବଢ଼ାଇଛି ଆଲୋକ, ତୋରଣ, ମେଢ଼

**୧୯୫୨** ଜମିଦାରୀ ଉଚ୍ଛେଦ ଆଇନ ପରେ ଜୟପୁରରେ ରାଜାରାଜୁଡ଼ା ପ୍ରଥା ଲୋପ ପାଇଥିଲା। ଜୟପୁରର ଶେଷରାଜା ବିକ୍ରମଦେବ ବର୍ମାଙ୍କ ସମୟରେ ଦଶହରା ରାଜକୀୟ ଭାବେ ପାଳିତ ହୋଇଥିଲା। ସମୟକ୍ରମେ ଜୟପୁର ଦଶହରାରେ ବହୁ ପରିବର୍ତ୍ତନ ସହ ଏହା ନିଜର ସାଂସ୍କୃତିକ ବିଭବ ହରାଇବାରେ ଲାଗିଥିଲା। ୨୦୦୩ରେ ଜୟପୁର ଦଶହରାର ହୃତ୍ ଗୌରବ ଫେରାଇ ଆଣିବାକୁ ପ୍ରୟାସ ଆରମ୍ଭ ହୋଇଥିଲା। ଏବେ ପାରମ୍ପରିକ ନିମନ୍ତ୍ରଣ ପାଇ ଆସୁଥିବା ପ୍ରତୀକ ଲାଠିଧାରୀ, ଖଡ୍ଗଧାରୀ ଓ ମୁଖ୍ୟ ପୂଜକଙ୍କୁ ଶିରୋପା ଦେଇ ସମ୍ମାନିତ କରାଯାଉଛି। ରଙ୍ଗିନ ଆଲୋକମାଳା, ସୁଉଚ୍ଚ ତୋରଣ, ବହୁସଂଖ୍ୟାରେ ମୃଣ୍ମୟୀ ମୂର୍ତ୍ତି, ଆକର୍ଷଣୀୟ ମେଢ଼, ରାଜ୍ୟ ଓ ବାହାରୁ କଳାକାରଙ୍କୁ ଅଣାଯାଇ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ଯୋଗୁ ନବରାତ୍ରରୁ ଆରମ୍ଭରୁ ଜୟପୁର ସହରର ଉତ୍ସବମୁଖର ହୋଇଉଠୁଛି। ସହରର ପାୱାର ହାଉସ, ମାଦଳା ସାହି, ରଥପଡ଼ିଆ, ଜଗତଜନନୀ ଛକ, ଗୁଜରାଟୀ କଲୋନି, ଭୂପତି ସାହି, ଗାନ୍ଧୀଛକ, ସରକାରୀ ଓ ଘରୋଇ ବସଷ୍ଟାଣ୍ଡରେ ଆକର୍ଷଣୀୟ ମେଢ଼ ସହ ପୂଜା ପାଉଛନ୍ତି ଦେବୀ। ଘରୋଇ ବସ୍‌ଷ୍ଟାଣ୍ଡ ସର୍ବାଧିକ ୧୦ରୁ ୧୨ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛି। ସେହିପରି ଗାନ୍ଧି ଛକ ୫ଲକ୍ଷ, ରଥପଡ଼ିଆ ଛକ ୪ ଲକ୍ଷ, ମାଦଳାସାହି ୨ ଲକ୍ଷ ଓ ଅନ୍ୟ ମଣ୍ଡପରେ ୧.୫ ଲକ୍ଷରୁ ୪ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ଖର୍ଚ୍ଚ କରାଯାଇ ପୂଜାକୁ ଆଡ଼ମ୍ବରପୂର୍ଣ୍ଣ କରାଯାଉଛି ।

## ସଂକ୍ଷେପରେ

### ଟ୍ରକ୍,ଟିପ୍ପର ମାଲିକ ସଂଘ ନିର୍ବାଚନ ସୁନୀଲ ଅଗ୍ରୱାଲ ସଭାପତି

ସେମିଲିଗୁଡ଼ା,୧।୧୦(ସ୍ୱ.ପ୍ର.): ସେମିଲିଗୁଡ଼ା ଟ୍ରକ୍ ଟିପ୍ପର ମାଲିକ ସଂଘର ନିର୍ବାଚନ ସୁନାବେଡ଼ା ପୋଲିସ ଷ୍ଟେସନରେ ଅନୁଷ୍ଠିତ ହୋଇଛି। ଏଥିରେ ମାଲିକ ସଂଘର ୧୮୪ ଜଣ ସଦସ୍ୟ ମତ ଦେଇଥିଲେ। ସଂଘ ୪ ଜଣ ସଭାପତି ପ୍ରାର୍ଥୀ ଥିବାବେଳେ ସୁନୀଲ ଅଗ୍ରୱାଲ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଉପସଭାପତି ପ୍ରମୋଦ ପ୍ରଧାନ, ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ଦୋରା, ଯୁଗ୍ମ ସମ୍ପାଦକ ସୁଜାତା ମହାନ୍ତି, କୋଷାଧକ୍ଷ ଭାବେ ସତ୍ୟନାରାୟଣ ପ୍ରଧାନ ନିର୍ବାଚିତ ହୋଇଥିଲେ।

### ରାଜନୀତି ବିଜ୍ଞାନ ପାଠଚକ୍ର




ସୁନାବେଡ଼ା,୧।୧୦(ଡି.ଏନ୍.ଏ.): ସୁନାବେଡ଼ା ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ 'ଭାରତୀୟ ସଂଘୀୟବାଦ ଓ କେନ୍ଦ୍ର-ରାଜ୍ୟ ସମ୍ପର୍କ' ଶୀର୍ଷକ ପାଠଚକ୍ର ଆୟୋଜିତ ହୋଇଛି। ଏହି ଅବସରରେ ନୂତନ ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ସଭା ମଧ ହୋଇଥିଲା। ମହାବିଦ୍ୟାଳୟ ଅଧକ୍ଷା ତଥା ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଉଷାରାଣୀ ଦାସ ସଭା ପରିଚାଳନା କରିବା ସହ ପାଠଚକ୍ର ଶୀର୍ଷକ ଉପରେ ବକ୍ତବ୍ୟ ରଖିଥିଲେ। ବିଭାଗୀୟ ଅଧାପିକା ସରିତା ପରିଡ଼ା, ଛାତ୍ରୀଙ୍କ ମଧରୁ କେ. ବିଦ୍ୟା, ପ୍ରିୟଙ୍କା ପାତ୍ର, ସଂଘୀୟବାଦର ବୈଶିଷ୍ଟ୍ୟ, କେନ୍ଦ୍ର-ରାଜ୍ୟର ବ୍ୟବସ୍ଥାପିକା ସମ୍ପର୍କ, ଭାରତୀୟ ସଂଘବାଦ ଉପରେ ସମାଲୋଚନାଧର୍ମୀ ବକ୍ତବ୍ୟ ରଖିଥିଲେ। ଶେଷବର୍ଷର ଛାତ୍ରୀ ସୋନାଲି ଦାସ ଧନ୍ୟବାଦ ଦେଇଥିଲେ।

### ସ୍ୱଚ୍ଛତା ସଚେତନତା

ସେମିଲିଗୁଡ଼ା,୧।୧୦(ସ୍ୱ.ପ୍ର.): ସୁନାବେଡ଼ା ମିଗନଗରୀ ସ୍ଥିତ ଭିଏସ୍ ବିଦ୍ୟାଳୟର ସମର ଶିକ୍ଷାର୍ଥୀ ବାହିନୀର କ୍ୟାଡେଟଙ୍କ ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ଏକ ଜନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ବିଦ୍ୟାଳୟରୁ ବାହାରି ସ୍ଥାନୀୟ ଜଗନ୍ନାଥ ମାର୍କେଟରେ ପହଞ୍ଚିବା ପରେ କ୍ୟାଡେଟ୍‌ମାନେ ପରିବେଶ ସୁରକ୍ଷା ଓ ପଲିଥିନ୍ ବର୍ଜନ ପାଇଁ ଲୋକଙ୍କୁ ସଚେତନ କରିଥିଲେ।ବିଦ୍ୟାଳୟର ସମ୍ପାଦକ ତନବୀର ଆଲମ ଓ ଉପାଧକ୍ଷ ପି.କେ. ମିଶ୍ର କ୍ୟାଡେଟଙ୍କୁ ଉତ୍ସାହିତ କରିଥିଲେ । ଏନ୍‌ସିସି ଅଧିକାରୀ ଡ. ଜି. ବିନୋଦ କୁମାର, ଇକୋ କ୍ଲବ ସଂଯୋଜକ ଶେଖ ଇବ୍ରାହିମ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।

### ମହିଳାଙ୍କୁ ଆଖି ଅସ୍ତ୍ରୋପଚାର ସହାୟତା

କୋରାପୁଟ,୧।୧୦(ସ୍ୱ.ପ୍ର.): କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜୟପୁର ଅଞ୍ଚଳର ଜଣେ ମହିଳାଙ୍କୁ ୩୦ ହଜାର ଟଙ୍କାର ସହାୟତା ରାଶି ଥିବା ଚେକ୍ ଦିଆଯାଇଛି । ମଙ୍ଗଳବାର ସ୍ଥାନୀୟ ଜିଲା ଜରୁରୀ ବିଭାଗ କାର୍ଯ୍ୟାଳୟରେ ଜରୁରୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଜୟପୁର ନୂଆସାହିର ସାଇ କ୍ରିଷ୍ଣା ନାମକ ଏକ ଛୋଟ ପିଲାର ଆଖି ଅସ୍ତ୍ରୋପଚାର ପାଇଁ ତାଙ୍କ ମାଆ ଭାଗ୍ୟବତୀ ମହାପାତ୍ରଙ୍କୁ ଏହି ସହାୟତା ଦିଆଯାଇଛି। ଏହି ସମୟରେ ମୁଖ୍ୟ କିରାଣି ପ୍ରକାଶ ସାମଲ ଉପସ୍ଥିତ ଥିଲେ।

### ସ୍ୱଚ୍ଛତା ରାଲି

ଦାମନଯୋଡ଼ି,୧।୧୦ (ସ୍ୱ.ପ୍ର./ଡି.ଏନ୍.ଏ.): ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ନିର୍ଦ୍ଦେଶାଳୟର ନିର୍ଦ୍ଦେଶ କ୍ରମେ ଓ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ଦାମନଯୋଡ଼ି ସରସ୍ୱତୀ ବିଦ୍ୟାମନ୍ଦିର ଏନ୍‌ସିସି କ୍ୟାଡେଟ୍‌ମାନଙ୍କ ଦ୍ୱାରା ସ୍ୱଚ୍ଛତା ସଚେତନତା ରାଲି ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧକ୍ଷ ଶୁଭ୍ରାଂଶୁ ଶେଖର ବାହିନୀପତି ଶୁଭାରମ୍ଭ କରିଥିଲେ ଏବଂ ଏକ ସୁସ୍ଥ ପରିବେଶ ପାଇଁ ସ୍ୱଚ୍ଛତାର ଆବଶ୍ୟକତା ବିଷୟ କ୍ୟାଡେଟମାନଙ୍କୁ ଅବଗତ କରାଇଥିଲେ। ଏହା ବ୍ୟତୀତ ପ୍ରତ୍ୟେକ କ୍ୟାଡେଟ୍ ଓ ଛାତ୍ରୀଛାତ୍ରଙ୍କ ଭୂମିକା ଏହି କ୍ଷେତ୍ରରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ପରାମର୍ଶ ଦେଇଥିଲେ। ଏହାପରେ କ୍ୟାଡେଟ୍‌ମାନେ ପ୍ଲାକାର୍ଡ଼ ଧରି ସ୍ୱଚ୍ଛତା ସମ୍ବନ୍ଧୀୟ ବିଭିନ୍ନ ସ୍ଲୋଗାନ ଦେଇ ନଗର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ୫୦ ଜଣ ଏନ୍‌ସିସି କ୍ୟାଡେଟଙ୍କ ସହ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଏନ୍‌ସିସି ଅଫିସର ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ଦିଲ୍ଲୀରେ ପଦକ ଜିତିଲେ ଜୟପୁର ଏନ୍‌ସିସି ଛାତ୍ରୀ

ଜୟପୁର,୧।୧୦(ଡି.ଏନ୍.ଏ.)



ଦିଲ୍ଲୀରେ ଏନ୍‌ସିସିର ଜାତୀୟ ତାଲା ସାଇନିଂ ଗୁଳିଚାଳନା କ୍ୟାମ୍ପରେ (ଟିଏସ୍‌ସି) ଯୋଗ ଦେଇଥିବା ଓଡ଼ିଶାର ୩ ଜଣ ଏନ୍‌ସିସି ଛାତ୍ରୀଙ୍କ ମଧରୁ ଅନ୍ୟତମ ହେଉଛନ୍ତି ଜୟପୁର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ ପ୍ରିୟା ବାଗ। ସେ ବଡ଼ଉଜେଇ ଗ୍ରାମର ବାସିନ୍ଦା ହରେକୃଷ୍ଣ ବାଗଙ୍କ ଝିଅ। ଉପରୋକ୍ତ ଗୁଳିଚାଳନା ପ୍ରତିଯୋଗିତାରେ ଦଳଗତ ଭାବେ ସେ ପ୍ରଥମ ହୋଇ ପଦକ ଜିତିଛନ୍ତି। ଏହାଦ୍ୱାରା ସେ ଆସନ୍ତା ଗଣତନ୍ତ୍ର ଦିବସ ପାଇଁ ଅକ୍ଟୋବର ୨୫ରୁ ହେବାକୁ ଥିବା କ୍ୟାମ୍ପରେ ଯୋଗଦେବାକୁ ମନୋନୀତ ହୋଇଛନ୍ତି। ଏଭଳି ସଫଳତା ପାଇବାରେ ସେ କୋରାପୁଟ ଜିଲାର ପ୍ରଥମ ଏନ୍‌ସିସି ଛାତ୍ରୀ। ବିଦ୍ୟାଳୟର ଏନ୍‌ସିସି ଚିଫ ଅଫିସର ଏନ୍.ଭି. ଭାସ୍କରାମ୍ମା, ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁବାଲା ମୁନି, ବିଜ୍ଞାନ ଶିକ୍ଷକ ଅଶୋକ କରଚାଲିଆଙ୍କ ପ୍ରୋତ୍ସାହନ ଯୋଗୁ ଏହା ସମ୍ଭବ ହୋଇଛି ପ୍ରିୟା କହିଛନ୍ତି।

## ଛାତ୍ରୀଙ୍କୁ ହାଇଜିନ୍ କିଟ୍ ବାଣ୍ଟିଲେ ବିଧାୟକ

ପଟ୍ଟାଙ୍ଗି,୧।୧୦(ଡି.ଏନ୍.ଏ.): ପଟ୍ଟାଙ୍ଗି ବ୍ଲକ ମାଲିପୁଟ ପଞ୍ଚାୟତ ରାଜୀବ ଗାନ୍ଧୀ ହାଇସ୍କୁଲରେ ନାଲକୋ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ନାଲକୋ 'ଅଲିଅଲି ଝିଅ' କାର୍ଯ୍ୟକ୍ରମରେ ବିଧାୟକ ପ୍ରୀତମ ପାଢ଼ୀ ମୁଖ୍ୟ ଅତିଥି ଭାବେ ୭୬ ଜଣ ଛାତ୍ରୀଙ୍କୁ ହାଇଜିନ କିଟ୍ ବଣ୍ଟନ କରିଛନ୍ତି। କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଅକ୍ଷୟ ନାୟକ, ନାଲକୋ ଫାଉଣ୍ଡେଶନର ପ୍ରୋଜେକ୍ଟ ମ୍ୟାନେଜର ସମ୍ବିତ ନାୟକ, ତାପସ ପଣ୍ଡା, ପ୍ରମୋଦ ହିଆଲ, ସୌଭାଗ୍ୟ ରଞ୍ଜନ ଜେନା, ଦୁର୍ଶିଳା ଶ୍ରୀହରିଆ, ଗୌର ଦାମି ଉପସ୍ଥିତ ଥିଲେ। ପୁଙ୍ଗାରଏକଲବ୍ୟ ମଡେଲ ସ୍କୁଲ ୧୫୮ ଛାତ୍ରୀ, ସିପାଇପୁଟ ସେବାଶ୍ରମର ୩୬, ପଟ୍ଟାଙ୍ଗି ସରକାରୀ ଇଂରାଜୀ ବିଦ୍ୟାଳୟ ୯୬, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ୧୫୬, ନୂଆଗାଁ ୟୁଜିଏଚ୍‌ଏସ୍ ୫୬, ଥୁରିଆ ସରକାରୀ ଏସ୍‌ଏସ୍‌ଡି ହାଇସ୍କୁଲ ୮୦, କେଚିଆ ୟୁଜି ଆଶ୍ରମ ସ୍କୁଲ ୪୯ ଓ ସେମିଳିଗୁଡ଼ା ଆଦର୍ଶ ବିଦ୍ୟାଳୟର ୧୯୬ ଛାତ୍ରୀଙ୍କୁ ବିଧାୟକ ପାଢ଼ୀ ଓ ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି ଏହି କିଟ୍ ବଣ୍ଟନ କରିଥିଲେ।

## ବ୍ଲକସ୍ତରୀୟ ବରିଷ୍ଠ ନାଗରିକ ଦିବସ



ବରିଷ୍ଠ ନାଗରିକ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଲକ୍ଷ୍ମୀପୁର,୧।୧୦(ଡି.ଏନ୍.ଏ.)

ଲକ୍ଷ୍ମୀପୁର ବ୍ଲକ ପରିସର ବୈଠକ ଗୃହରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି। ବିଡିଓ ବେଣୁଧର ଶବରଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୁର ଥାନା ଭାରପ୍ରାପ୍ତ ଅଧିକାରୀ ଗୌରହରି ସାହୁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଜିଲା ମଙ୍ଗଳ ଅଧିକାରୀ ମୋହନ ଗରଡ଼ା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଲକ୍ଷ୍ମୀପୁର ବ୍ଲକର ୧୨ଟି ପଞ୍ଚାୟତର ବରିଷ୍ଠ ନାଗରିକଙ୍କୁ ଆମନ୍ତ୍ରଣ କରାଯାଇଥିଲା। ଗ୍ରାମାଞ୍ଚଳର ବିକାଶ ଉପରେ ବରିଷ୍ଠ ନାଗରିକଙ୍କ ଭୂମିକା, ସମାଜ ପାଇଁ ଉପଦେଶ ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ କହିଥିଲେ। ଲକ୍ଷ୍ମୀପୁର ଚିକିତ୍ସାଳୟ ପକ୍ଷରୁ ନାଗରିକଙ୍କୁ ଯୋଗଶିକ୍ଷା ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହାସହ ବରିଷ୍ଠ ନାଗରିକଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଢେମ୍‌ସା ପରିବେଷିତ ହୋଇଥିଲା। ବିଏସ୍‌ଏସ୍‌ଓ କାର୍ତ୍ତିକ ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ଦାବିପତ୍ର

ଜୟପୁର,୧।୧୦(ନି.ପ୍ର.)

ହିଲ୍ ଟ୍ରାଇବ୍‌ସ ଆସୋସିଏଶନ ଅଫ ଇଣ୍ଡିଆ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଆସୋସିଏଶନର ସମ୍ପାଦକ ଦିଗାମ୍ବର ଗମାଙ୍ଗ ୫ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି । ଉପଖଣ୍ଡ ଚିକିତ୍ସାଳୟକୁ ପୁନଃ କାର୍ଯ୍ୟକ୍ଷମ କରିବା, ୨୬ ନଂ ଜାତୀୟ ରାଜପଥ ନିର୍ମାଣ, କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା, ବିକ୍ରମଦେବ କଲେଜକୁ ୟୁନିଭର୍ସିଟି ମାନ୍ୟତା ଦେବା, ଗୁଣୁପୁର-ଥେରୁବାଲି ରେଳ ସଂଯୋଗ କରିବା ଆଦି ଦାବି ରହିଛି। ଦାବିପତ୍ରର ନକଲ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଓ ଜୟପୁର ନାଗରିକ କମିଟିର ସଭାପତିଙ୍କୁ ପ୍ରଦାନ କରାଯାଇଥିବା ଗମାଙ୍ଗ ଜଣାଇଛନ୍ତି ।

## ବରିଷ୍ଠ ନାଗରିକ ଦିବସ ପାଳିତ

କୁନ୍ଦୁରା,୧।୧୦(ଡି.ଏନ୍.ଏ.)

କୁନ୍ଦୁରା ସଦର ଜଗନ୍ନାଥ କଲ୍ୟାଣ ମଣ୍ଡପରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁମିତ୍ରା ଖରାଙ୍କ ଅଧକ୍ଷତାରେ ମଙ୍ଗଳବାର ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି। ଏଥିରେ ଅତିଥି ଭାବେ ପଞ୍ଚାୟତ ସମିତି ଉପାଧକ୍ଷା ପଦ୍ମା ହରିଜନ, ଏବିଡିଓ ମାଧୁରୀ ଆଚାରୀ, ଜିଲା ପରିଷଦ ସଭ୍ୟା ଲକ୍ଷ୍ମୀ ମିନରବାଲିଆ, ପିଏ ପୂର୍ଣ୍ଣଚନ୍ଦ୍ର ସାବତ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଅବସରରେ ଶତାଧିକ ବରିଷ୍ଠ ନାଗରିକଙ୍କୁ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିଭିନ୍ନ ଚିକିତ୍ସା ସେବା ଦିଆଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକକ ଓ ଦଳଗତ ନୃତ୍ୟ ପରିବେଷଣ କରାଯାଇଥିଲା। ସେହିପରି ବରିଷ୍ଠ ନାଗରିକଙ୍କ ମଧରେ ମ୍ୟୁଜିକ୍ ଚେୟାର, ଭଜନ କୀର୍ତ୍ତନ କାର୍ଯ୍ୟକ୍ରମ ହୋଇଥିଲା।




ମଞ୍ଚାସୀନ ଅତିଥିମାନେ।

## ଧାରଣାରେ ଅବିଭକ୍ତ କୋରାପୁଟ ଗାଁ ସାଥୀ

କୋରାପୁଟ,୧।୧୦(ସ୍ୱ.ପ୍ର.)

ଅଭିବକ୍ତ କୋରାପୁଟ ଜିଲାର ଗାଁ ସାଥି ସଂଘ ବିଭିନ୍ନ ଦାବି ନେଇ ମଙ୍ଗଳବାର କୋରାପୁଟ ଡିଆରଡିଏ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛି। ସଂଘର ମିଳିତ କ୍ରିୟାନୁଷ୍ଠାନ କମିଟି, ଓଡ଼ିଶା ପ୍ରଦେଶର ସାଧାରଣ ସଂପାଦକ ଲକ୍ଷ୍ମୀଧର ବିଶ୍ୱାଳଙ୍କ ତତ୍ତ୍ୱାବଧାନ ଓ ଅବିଭକ୍ତ କୋରାପୁଟର ୪ ଜିଲା ସଭାପତିଙ୍କ ନେତୃତ୍ୱରେ ୪ ଦଫା ରାଜ୍ୟସ୍ତରୀୟ ଦାବି ଓ ୫ ଦଫା ଜିଲାସ୍ତରୀୟ ଦାବି ନେଇ ସଂଘର ଶତାଧିକ ସଦସ୍ୟ ଏହି ଧାରଣା ଦେଇଥିଲେ। ସେଥିରେ ଓଡ଼ିଶାର ସମସ୍ତ ଗାଁ ସାଥି ଚିଠି ସଂଖ୍ୟା ୯୪୦ ତା ୧୧-୧-୨୦୧୯ ଅନୁଯାୟୀ ମାସିକ ୧୦ ଦିନର ସରକାରୀ କାମ ପ୍ରଦାନ, କାମ ଦେଇ ନ ପାରିଲେ ବେକାରୀ ଭତ୍ତା ପ୍ରଦାନ, ସମସ୍ତ ଗାଁ ସାଥିଙ୍କ ଡାଟାବେସ ପ୍ରସ୍ତୁତି, ଚଳିତ ବର୍ଷ ଜୁଲାଇ ୩୦ରୁ ଆଜିଯାଏ ପଞ୍ଚାୟତରାଜ ବିଭାଗରୁ ସଂଶୋଧନ ହୋଇଥିବା ୪ଟି ଚିଠିକୁ ପରିବର୍ତ୍ତନ କରିବା, ସମସ୍ତ ଗାଁ ସାଥିଙ୍କୁ ପରିଚୟପତ୍ର ପ୍ରଦାନ ପାଇଁ ଦାବି ରହିଛି। ଉକ୍ତ ଦାବିଗୁଡ଼ିକ ରାଜ୍ୟ ସରକାର ସମାଧାନ ନ କଲେ ଆଗାମୀ ୨୧ରୁ ସଂଘ ରାଜ୍ୟସ୍ତରରେ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ଉଲ୍ଲେଖଯୋଗ୍ୟ, ରାଜ୍ୟରେ ୨ ଲକ୍ଷ ୬ ହଜାର ୩୨୬ ଜଣ ଗାଁ ସାଥି ରହିଛନ୍ତି। ଏହି ଆନ୍ଦୋଳନରେ ହରି ମାଡକାମୀ, ମହାଦେବ ମାଝି, କୈଳାସ ଭତ୍ରା, ନୀଳାମ୍ବର ଦିଶାରୀ, ହରିହର ଜାନି, ଲକ୍ଷ୍ମଣ ନାୟକ, ଶରତ ଗୁଣ୍ଡା, ଡମ୍ବରୁ ଗୌଡ଼ ଉପସ୍ଥିତ ଥିଲେ।




କୋରାପୁଟ ଡିଆରଡିଏ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି ଗାଁ ସାଥୀ ।

**ପ୍ରମୁଖ ଦାବି**

- ମାସିକ ୧୦ ଦିନର ସରକାରୀ କାମ
- କାମ ଦେଇ ନ ପାରିଲେ ବେକାରି ଭତ୍ତା
- ଗାଁ ସାଥିଙ୍କ ଡାଟାବେସ ପ୍ରସ୍ତୁତି, ପରିଚୟପତ୍ର

## ସଂକ୍ଷେପରେ



### ସାଧାରଣଜ୍ଞାନ ପ୍ରତିଯୋଗିତାରେ ଗୁଣପୁର ଛାତ୍ର ପ୍ରଥମ

ଗୁଣପୁର,୧।୧୦(ଡି.ଏନ.ଏ): ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ଲାଗି ରାୟଗଡା ଜିସିଡି ଉଚ୍ଚ ବିଦ୍ୟାଳୟଠାରେ ଜିଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୁଣପୁର ସରକାରୀ ବାଳକ ଉଚ୍ଚବିଦ୍ୟାଳୟ ୧୦ ଶ୍ରେଣୀ ଛାତ୍ର ବିଭୂତି ଗୌଡ ଭାଗ ନେଇ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଜିଲାସ୍ତରରେ ପ୍ରଥମ ହୋଇଛନ୍ତି। ଏଥିଲାଗି ପ୍ରଧାନ ଶିକ୍ଷକ ଶଶାଙ୍କ ଦାସଙ୍କ ସମେତ ଅନ୍ୟାନ୍ୟ ଶିକ୍ଷୟିତ୍ରୀଶିକ୍ଷକ ତାଙ୍କୁ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇଛନ୍ତି।

### ବରିଷ୍ଠ ନାଗରିକ ଦିବସ

ଚନ୍ଦ୍ରପୁର,୧।୧୦(ଡ଼ି.ଏନ.ଏ): ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ସଭାଗୃହ ପରିସରରେ ମଙ୍ଗଳବାର ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏଥିରେ ୫୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷା ସଙ୍ଗୀତା ପ୍ରଟିଙ୍ଗା ମୁଖ୍ୟ ଅତିଥି, ବିଡ଼ିଓ ଜର୍ଜ ଡୁଙ୍ଗଡୁଙ୍ଗ, ସରପଞ୍ଚ ସୁଜିତ୍ ବ୍ରେଡ଼େକା, ବ୍ଲକ ସାମାଜିକ ସଂଗଠକ ଦୟାନିଧି ଶବର, ସମିତିସଭ୍ୟ ଦ୍ରୋଣ ଶବର, ଜଗନ୍ନାଥ ନାଏକ, ଡ଼ାକ୍ତର ପ୍ରତ୍ୟୁଷ କୁମାର ମିଶ୍ର ଉପସ୍ଥିତ ଥିଲେ।

### ଅପପୁଷ୍ଟି ନିୟନ୍ତ୍ରଣ ଲାଗି ସଚେତନତା କାର୍ଯ୍ୟକ୍ରମ



ଗୁଣପୁର,୧।୧୦(ଡି.ଏନ.ଏ): ରାୟଗଡା ଜିଲା ଗୁଣପୁରର ସ୍ଥାନୀୟ ଏକ ଲଡଜଠାରେ ସଖା ପକ୍ଷରୁ ଅପପୁଷ୍ଟି ନିୟନ୍ତ୍ରଣ ଲାଗି ଏକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସାଧାନା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କିନ୍ନରମାନେ ଗ୍ରାମାଞ୍ଚଳକୁ ଯାଇ ଅନ୍ଧବିଶ୍ୱାସକୁ ଦୂର କରିବା ସହ ଗର୍ଭବତୀ ଓ ନବଜାତ ଶିଶୁମାନଙ୍କ ସେବା କରିବା ହେଉଛି ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଧେଶ୍ୟ। ଏଥିସହ ଶିଶୁର କିପରି ଯତ୍ନ ନିଆଯିବ, ନିୟମିତ ଟିକା କରଣ କରାଇବେ ସେନେଇ ସଚେତନ କରିବେ। ପଥପ୍ରାନ୍ତ ନାଟକ ସହ ଘରଘର ବୁଲି ଏ ନେଇ ସଚେତନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କିନ୍ନର ସଂଘ ଜିଲାସଭାପତି ରମେଶଚନ୍ଦ୍ର କୁଆଲା,ସମ୍ପାଦକ ଶିଶିର କାନ୍ତ ମହାପାତ୍ର, କାନ୍ତାରାଓ କଣ୍ଡାଗିରି ଏବଂ ସଂଯୋଜକ କିରଣ ଗମାଙ୍ଗ ଉପସ୍ଥିତ ଥିଲେ।

# ଅସୁରକ୍ଷିତ କୋଠାରେ ପିଲାଙ୍କ ଭବିଷ୍ୟତ

**ବିପଦସଙ୍କୁଳ ଅବସ୍ଥାରେ ଅଙ୍ଗନୱାଡି କେନ୍ଦ୍ର**



ରାମନାଗୁଡା, ୧।୧୦ (ଡି.ଏନ୍.ଏ.)

ସ୍କୁଲ ଯିବା ପୂର୍ବରୁ ପିଲାମାନଙ୍କୁ ଶୈକ୍ଷିକ ବାତାବରଣ ସହ ପରିଚୟ କରାଇବା ପାଇଁ ଅଙ୍ଗନୱାଡି କେନ୍ଦ୍ରର ପରିକଳ୍ପନା କରାଯାଇଥିଲା। ଗର୍ଭବତୀ ମହିଳା ଏବଂ ଶିଶୁମାନେ ମଧ୍ୟ ଏହି କେନ୍ଦ୍ରରୁ ବିଭିନ୍ନ ସରକାରୀ ସୁବିଧା ପାଇବା ପାଇଁ ନିର୍ଭର କରିଥାନ୍ତି। କିନ୍ତୁ ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ଅଙ୍ଗନୱାଡି କେନ୍ଦ୍ରଗୁଡିକ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଛୋଟ ଛୋଟ ପିଲାଙ୍କ ଭିବଷ୍ୟତ ଏହି ଅସୁରକ୍ଷିତ କୋଠାରେ ଗଢା ହେଉଛି।

ରାମନାଗୁଡା ବ୍ଲକ ଗୋସାଇଁ ଗୁଲୁମୁଣ୍ଡା ପଞ୍ଚାୟତ ସଦର ମହକୁମାସ୍ଥିତ ଅଙ୍ଗନୱାଡି କେନ୍ଦ୍ର ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟକୁ ଲାଗି ରହିଛି। ଦୀର୍ଘ ଦିନରୁ ଏହି କୋଠାକୁ ଅସୁରକ୍ଷିତ ଘୋଷଣା କରାଯାଇଥିଲେ ମଧ୍ୟ ବିକଳ୍ପ ବ୍ୟବସ୍ଥା ନ ଥିବାରୁ ବିପଜ୍ଜନକ ଅବସ୍ଥାରେ କେନ୍ଦ୍ରଟି ଚାଲୁଛି। ବେଦାନ୍ତ ପକ୍ଷରୁ ଏଠାରେ ନୂତନ ଗୃହ କରାଯିବ ବୋଲି ଅନେକ ଦିନରୁ ଶୁଣାଯାଉଥିଲେ ମଧ୍ୟ କୌଣସି କାମ ଆରମ୍ଭ ହୋଇନାହିଁ। ବେଦାନ୍ତ ଏହି ବ୍ଲକରେ ୫ଟି ଅଙ୍ଗନୱାଡି କେନ୍ଦ୍ର ଖୋଲିବାର ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ତାହା କେବଳ କାଗଜ କଲମରେ ରହିଯାଇଛି। ସେହିପରି ଗୁରୁଣ୍ଡି ପଞ୍ଚାୟତ ଡ଼େପଗୁଡାସ୍ଥିତ ଅଙ୍ଗନୱାଡି କେନ୍ଦ୍ରକୁ ମଧ୍ୟ ଅସୁରକ୍ଷିତ ଘୋଷଣା କରାଯାଇଛି। ଏହି କେନ୍ଦ୍ରଟି ଏବେ ସହାୟିକାଙ୍କ ଘର ବାରଣ୍ଡାରେ ଚାଲିଛି। ଜିନିଷ ସବୁ ସହାୟିକାଙ୍କ ଘରେ ରହୁଛି। ଏଠାରେ ଜାଗାର ଅଭାବ ବୋଲି କହି କର୍ତ୍ତୃପକ୍ଷ ଖସିଯିବାକୁ ଅପଚେଷ୍ଟା କରୁଥିବା ନେଇ ଅଭିଯୋଗ ହୋଇଛି। ପୁରାତନ କାର୍ଯ୍ୟାଳୟକୁ ଭାଙ୍ଗି ଏଠାରେ ନୂତନ କୋଠା ନିର୍ମାଣ କଲେ କୌଣସି ଅସୁବିଧା ହେବନାହିଁ, କିନ୍ତୁ କ'ଣ ପାଇଁ ଏତେ ବିଳମ୍ବ ଘଟୁଛି ତାହା ନେଇ ପ୍ରଶ୍ନ ଉଠାଇଛନ୍ତି ସ୍ଥାନୀୟ ଲୋକେ। ମହିଳା ଏବଂ ଶିଶୁ ବିକାଶ ପାଇଁ ରାଜ୍ୟ ଏବଂ କେନ୍ଦ୍ର ସରକାର ପର୍ଯ୍ୟାପ୍ତ ପରିମାଣରେ ଅନୁଦାନ ଦେଉଛନ୍ତି। ବ୍ଲକ ପ୍ରଶାସନ, ଆଇସିଡିଏସ୍ ଏବଂ ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟିଦେଲେ କାମ ହୋଇପାରିବ ବୋଲି ଉଭୟ ଗାଁର ବାସିନ୍ଦା କହିଛନ୍ତି।

# କଳା ବ୍ୟାଜ୍ ପିନ୍ଧିଲେ କଲ୍ୟାଣ ବିଭାଗ କର୍ମଚାରୀ



ଅମ୍ବାଦଳା କଲ୍ୟାଣ ବିଭାଗ କର୍ମଚାରୀମାନେ କଳାବ୍ୟାଜ ପରିଧାନ କରିଛନ୍ତି।

ଅମ୍ବାଦଳା. ୧।୧୦ (ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା କରଞ୍ଜିଆ ଉପଖଣ୍ଡ ହାତିବାରି ଆବାସିକ ଉଚ୍ଚ ବିଦ୍ୟାଳୟ ଛାତ୍ରୀଙ୍କ ମୃତ୍ୟୁକୁନେଇ ସଂଘଠିତ ତୁମୁଳକାଣ୍ଡ ହୋଇଛି। ମୃତା ଛାତ୍ରୀଙ୍କ ପରିବାର ବର୍ଗ ଓ ସମ୍ପର୍କୀୟମାନେ ବିଦ୍ୟାଳୟରେ ପ୍ରବେଶ କରି ସମସ୍ତ କର୍ମଚାରୀଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କୁ ଆକ୍ରମଣ କରିଥିଲେ। ଏହି ଘଟଣାକୁ ନେଇ ମୁନିଗୁଡା ବ୍ଲକ ଅମ୍ବାଦଳା ଅଞ୍ଚଳର ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ କର୍ମଚାରୀମାନେ କଳାବ୍ୟାଜ ପିନ୍ଧି ଏହାର ଦୃଢ଼ ପ୍ରତିବାଦ ଜଣାଇଛନ୍ତି। ଅମ୍ବାଦୋଳା ସରକାରୀ ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ସରକାରୀ ପ୍ରାଥମିକ ସେବାଶ୍ରମ ସମେତ ଆଖପାଖ କଲ୍ୟାଣ ବିଭାଗୀୟ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ରୋଷେୟା, ଏଏନ୍ଏମ୍, ମାଟ୍ରନ୍ କଳାବ୍ୟାଜ୍ ପିନ୍ଧି ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଛାତ୍ରୀ ଅସୁସ୍ଥ ହେବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ସଙ୍ଗେ ସଙ୍ଗେ ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ଜିଲା ଚିକିତ୍ସାଳୟକୁ ନିଆଯାଇଥିଲା। ଶେଷରେ ବଡ ମେଡିକାଲ ନେବାବେଳେ ବାଟରେ ଛାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ କୌଣସି ଅବହେଳା ନ ଥିବାବେଳେ ତାଙ୍କ ଉପରେ ଅମାନୁଷିକ ଆକ୍ରମଣ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ରାଜ୍ୟ କଲ୍ୟାଣ ବିଭାଗ ସଂଘ ପକ୍ଷରୁ ଆସନ୍ତା ୫ରେ ଭୁବନେଶ୍ୱରରେ ଆଗାମୀ ନୀତି ନିର୍ଦ୍ଧାରଣ ଲାଗି ଜରୁରୀ ବୈଠକ ଅନୁଷ୍ଠିତ ହେବ।

# ଚନ୍ଦ୍ରପୁରରେ ଗାନ୍ଧୀ ରଥକୁ ସ୍ୱାଗତ

ଚନ୍ଦ୍ରପୁର,୧।୧୦ (ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡା ସଦର ମହକୁମାରେ ଥିବା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ପରିସରରେ ଗାନ୍ଧୀ ରଥ ପହଞ୍ଚିଥିଲା। ରଥକୁ ଛାତ୍ରୀମାନେ ଚନ୍ଦନ, ଧୂପ ଦୀପ ଦେଇ ସ୍ୱାଗତ କରିଥିଲେ। ବିଦ୍ୟାଳୟ ପରିସରରେ ଏକ ସଭା ଆୟୋଜନ କରାଯାଇଥିଲା। ଜିଲା ସର୍ବୋଦୟ ମଣ୍ଡଳର ସଭାପତି ଜୟରାମ ସେନା ମୁଖ୍ୟଅତିଥି ଭାବେ ଯୋ ଗଦେଇ ମହାତ୍ମା ଗାନ୍ଧୀ ଓ ବିନୋବା ଭାବେଙ୍କ ଜୀବନୀ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏଥିସହ ଦେଶ ଓ ଜାତି ପାଇଁ ତାଙ୍କ ଆଦର୍ଶ ସମ୍ପର୍କରେ ବିସ୍ତୃତ ଭାବେ କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ଆଦିବାସୀ ମଞ୍ଚର ରାଜ୍ୟ ଆବାହିକା ବିଦୁଲତା ହୁଇକା, ବିଶିଷ୍ଟ ସମାଜସେବୀ ବିଜୟ କୁମାର ବାବୁ, ସାମାଜିକ କର୍ମୀ ଗୌରାଙ୍ଗ ରାଉତ, ପୂର୍ବତନ ସରପଞ୍ଚ ଦୟାନିଧି ପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ମମତା ପ୍ରଧାନଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମକୁ ପରିଚାଳନା କରାଯାଇଥିଲା। ଏହାପରେ ଗ୍ରାମ ମଙ୍ଗଳ ବିଭାଗର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଏହି ସୁସଜ୍ଜିତ ରଥକୁ ସ୍ୱାଗତ କରାଯାଇଥିଲା। ଏଠାରେ ଆୟୋଜିତ ସଭାରେ ମହାତ୍ମା ଗାନ୍ଧୀଙ୍କ ବାଲ୍ୟ ଜୀବନ, ଛାତ୍ର ଏବଂ କର୍ମମୟ ଜୀବନ ସମ୍ପର୍କରେ ମଞ୍ଚାସୀନ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଜୟଲାଲ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ପୂର୍ବତନ ସରପଞ୍ଚ ସତ୍ୟ ନାରାୟଣ ପ୍ରଟିକା, ବିଜୟ ଉଲାକା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ରଚନା ପ୍ରତିଯୋଗିତା କରାଯାଇଥିଲା।



ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକମାନେ ଶପଥ ପାଠ କରୁଛନ୍ତି।

# ପ୍ଲାଷ୍ଟିକ ମୁକ୍ତ ସମାଜ ନେଇ ପାଠଚକ୍ର

ରାୟଗଡ଼ା ଅଫିସ, ୧।୧୦

ରାୟଗଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନର ବିଭାଗ ଆନୁକୂଲ୍ୟରେ ପ୍ଲାଷ୍ଟିକ ମୁକ୍ତ ନେଇ ଏକ ପାଠଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ସେନାପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହାକୁ ଡ଼. ପ୍ରସନ୍ନ କୁମାର ଗନ୍ତାୟତ ପରିଚାଳନା କରିଥିଲେ। ଅଧ୍ୟାପିକା ପ୍ରିୟଦର୍ଶନୀ ବଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଶିବ ପ୍ରସାଦ ବିଡ଼ିକା, ଅଧ୍ୟାପିକା ଡ଼.ଅନିତା ତ୍ରିପାଠୀ, କିରଣ କୁମାରୀ କୈଶଲ୍ୟା, ରାଜେଶ କୁମାର ବେହେରା, ମନ୍ମଥ ରାଓ କୋଇନ୍ଦା ସହଯୋଗ କରିଥିଲେ। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ବାର୍ଷିକ ଅବସରରେ ପ୍ଲାଷ୍ଟିକ ମୁକ୍ତ ପରିବେଶ ଓ ଏହାର ଉପକାରିତା ଉପରେ ଆଲୋକପାତ କରିଥିଲେ। ରାସାୟନିକ ବିଜ୍ଞାନର ଅଧ୍ୟାପକ ଡ଼. ପ୍ରଦୀପ କୁମାର ସାମନ୍ତରାୟ ଓ ଅଧ୍ୟାପକ ଡ଼. ନିରନ ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପ୍ଲାଷ୍ଟିକର ହାନିକାରତା ଓ ପ୍ଲାଷ୍ଟିକ ମୁକ୍ତ ସମାଜ ବିଷୟରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ସମ୍ମାନ ଶ୍ରେଣୀର ଛାତ୍ରମାନେ ଜଳବାୟୁର ପରିବର୍ତ୍ତନ ଉପରେ ନିଜର ମତ ରଖିଥିଲେ। ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା, ଛାତ୍ରଛାତ୍ରୀ,ଅତିଥି ବୃନ୍ଦ ଓ ସମସ୍ତ କର୍ମଚାରୀ ପ୍ଲାଷ୍ଟିକ ମୁକ୍ତ ସମାଜ ପାଇଁ ସଂକଳ୍ପ ନେଇଥିଲେ। ସମ୍ପାଦକ ଭାର୍ଗବ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ପୋଲିସର ସଚେତନତା ଶିବିର



ନୂତନ ଥାନା ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ କୁମାର ନାୟକଙ୍କୁ ସ୍ୱାଗତ କରାଯାଉଛି।

ପଦ୍ମପୁର,୧।୧୦ (ଡି.ଏନ୍.ଏ.)

ପଦ୍ମପୁର ବ୍ଲକ ଗୁଡିଆବନ୍ଧ ଗ୍ରାମ ବସନ୍ତଦେବୀ ବିଦ୍ୟାପୀଠଠାରେ ପଦ୍ମପୁର ପୋଲିସର ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ନୂତନ ଥାନା ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କୁ ପୋଲିସ ପ୍ରତି ରହିଥିବା ଭୟକୁ ଦୂର କରି ଚରିତ୍ରବାନ୍ ମଣିଷ ହେବା ନିମନ୍ତେ ପରାମର୍ଶ ଦେଇଥିଲେ। ଏଟିଏମ୍‌ର ଅପବ୍ୟବହାର, ମୋବାଇଲ ସୋସିଆଲ୍ ମିଡିଆର ଅପବ୍ୟବହାର, ୧୮ ବର୍ଷରୁ କମ୍‌ରେ ବିବାହ, ପୋଲିସ ହେବାର ଲକ୍ଷ୍ୟ, ବିଭିନ୍ନ ଅରାଧମୂଳକ କାର୍ଯ୍ୟଗୁଡିକରୁ ସମସ୍ତେ ଦୂରେଇ ରହିବା ନେଇ କହିଥିଲେ। ବିଦ୍ୟାପୀଠ ପ୍ରଧାନଶିକ୍ଷକ ପ୍ରଶାନ୍ତ ଶତପଥୀ ମୁଖ୍ୟଅତିଥିଙ୍କୁ ସ୍ୱାଗତ କରିଥିଲେ। ହରିଶରଣ ଦାସ ଓ ପ୍ରଶାନ୍ତ କୁମାର ଶତପଥୀ ସଭାର ସଭାପତିତ୍ୱ କରିଥିଲେ। ଏଥିରେ ସର୍ବେଶ୍ୱର ପରିଡା, ହରିଶରଣ ଦାସ, ଯୁଧିଷ୍ଠିର ସାହୁ, ମନୋଜ କୁମାର ଜେନା, ମନୋଜ ଦାଶ, କବିତା ମହାରଣା ପ୍ରମୁଖ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ।

# ରକ୍ତଦାନ ପାଇଁ ଜିଆଇଇଟି ପୁରସ୍କୃତ

ଗୁଣପୁର,୧।୧୦(ଡି.ଏନ.ଏ)



ଜିଆଇଇଟିକୁ ପୁରସ୍କୃତ କରାଯାଉଛି।

ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ରାୟଗଡା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ ସମ୍ମାନିତ ହୋଇଛି। ଭୁବନେଶ୍ୱରଠାରେ ଆୟୋଜିତ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ଜୟଦେବ ଭବନଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜଙ୍ଗଲ ଓ ପରିବେଶମନ୍ତ୍ରୀ ବିକ୍ରମକେଶରୀ ଆରୁଖ ଯୋଗଦେଇ ଏନଏସଏସର ସଂଯୋଜକ ଡ.ପ୍ରେମାଂଶୁ ଶେଖର ରଥଙ୍କୁ ଟ୍ରଫି ସହ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟବିଭାଗ ନିର୍ଦ୍ଦେଶକ ଦିଲିପ କୁମାର ଷଡଙ୍ଗୀ, ଯୁଗ୍ମ ସଚିବ ଗୁହା ପୁନମ ତାପସ କୁମାର, ସ୍ୱାସ୍ଥ୍ୟବିଭାଗର ସ୍ୱତନ୍ତ୍ର ସଚିବ ଡ.ମାନସ ରଞ୍ଜନ ସାମନ୍ତରାୟଙ୍କ ସମେତ ସ୍ଥାନୀୟ ବିଧାୟକମାନେ ଉପସ୍ଥିତ ଥିଲେ। ଜିଆଇଇଟି ଏହି ସଫଳତା ପାଇଥିବାରୁ ଅନୁଷ୍ଠାନରସଭାପତି ଡ.ସତ୍ୟ ପ୍ରକାଶ ପଣ୍ଡା, ଉପାଧ୍ୟକ୍ଷ ଡ.ଚନ୍ଦ୍ରଧ୍ୱଜ ପଣ୍ଡା, ମହାନିର୍ଦ୍ଦେଶକ ଡ.ଜଗଦିଶ ପଣ୍ଡା, କୁଳପତି ଡ.ଗୌତମ ଘୋଷ, ରେଜିଷ୍ଟ୍ରାର ଡ.ଏନ.ଭି.ଜେ.ରାଓ ଏବଂ ପ୍ରିନ୍ସପାଲ ଡ.କେ.ସେନ୍ଥିଲ କୁମାର ପ୍ରମୁଖ ଶୁଭେଚ୍ଛା ଏବଂ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ରାୟଗଡ଼ା କଲେଜରେ ପୋଷଣ ଅଭିଯାନ ପାଳିତ

ରାୟଗଡ଼ା ଅଫିସ,୧।୧୦

ରାୟଗଡ଼ା ମହିଳା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଦ୍ୱାରା ପୋଷଣ ଅଭିଯାନ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ପୋଷଣ ଯୁକ୍ତ ଖାଦ୍ୟ ସମ୍ପର୍କରେ ସଚେତନ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ସନ୍ତୁଳିତ ଖାଦ୍ୟ, ମେଦ ବହୁଳତା ଓ ତାର ପ୍ରତିକାର, ପ୍ରାକୃତିକ ଖାଦ୍ୟର ଆବଶ୍ୟକତା ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ବିଶେଷ କରି ଛାତ୍ରୀମାନଙ୍କୁ ପୋଷଣ ଯୁକ୍ତ ଖାଦ୍ୟର ଉପକାରିତା ବିଷୟରେ କୁହାଯାଇଥିଲା। ଛାତ୍ରୀମାନେ ନାଟକ ମାଧ୍ୟମରେ ପୁଷ୍ଟିକର ଖାଦ୍ୟ ସମ୍ପର୍କରେ ଗ୍ରାମବାସୀ ଙ୍କୁ ସଚେତନ କରାଇଥିଲେ। ଏହି ସମସ୍ତ କାର୍ଯ୍ୟକୁ ଜିଲା ଜାତୀୟ ସେବା ଯୋଜନା ଅଧିକାରୀ ଡ଼. ଅର୍ଚ୍ଚନା ପଟ୍ଟନାୟକ ପରିଚାଳନା କରିଥିଲେ। ଡ଼. ଚଞ୍ଚଳ ଜେନ, ଡ଼. ଏଲ .ଏନ ପୃଷ୍ଟି ,ଡ଼. ଏମ୍.କେ. କୁଣ୍ଡୁ ଓ ଡ଼. ଏନ. ଏମ୍.ଦାସ ଉପସ୍ଥିତ ରହି ସଚେତନତା କରିଥିଲେ।



ଜଣେ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ସମାଜରେ ବରିଷ୍ଠ ହିଁ ଶ୍ରେଷ୍ଠ

ପଦ୍ମପୁର,୧।୧୦ (ଡି.ଏନ୍.ଏ.)

ସମାଜରେ ଅଭିଜ୍ଞତା ଦୃଷ୍ଟିରୁ ବରିଷ୍ଠ ହିଁ ଶ୍ରେଷ୍ଠ । ବରିଷ୍ଠମାନେ ଆମର ନମସ୍ୟ ଓ ପଥ ପ୍ରଦର୍ଶକ। ବାର୍ଦ୍ଧକତା ଏକ ବ୍ୟାଧି ନୁହେଁ କି ଅଭିଶାପ ନୁହେଁ। ଯୁବପୀଢ଼ିମାନେ ବୟସ୍କଙ୍କୁ ଶ୍ରଦ୍ଧାର ସହ ସେବା କରିବା ଉଚିତ୍। ପଦ୍ମପୁରସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଅତିଥିମାନେ ଏହା ମତବ୍ୟକ୍ତ କରିଛନ୍ତି। ଏଥିରେ ଅତିଥି ଭାବେ ପଦ୍ମପୁର ବିଡ଼ିଓ ଅଗସ୍ତୀ ପ୍ରଧାନ, ବ୍ଲକ ଅଧକ୍ଷ ରମାକାନ୍ତ ମାଝି, ପଦ୍ମପୁର ଥାନା ଆଇଆଇସି ସଞ୍ଜୟ କୁମାର ନାୟକ ଯୋଗ ଦେଇଥିଲେ। ପରେ ବରିଷ୍ଠ ନାଗରିକମାନଙ୍କ ଏକ ସଚେତନତା ଶୋଭାଯାତ୍ରା ବିଜୁ କଲ୍ୟାଣ ମଣ୍ଡପଠାରୁ ବାହାରି ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ସେଠାରୁ ଫେରି କଲ୍ୟାଣ ମଣ୍ଡପଠାରେ ବରିଷ୍ଠ ନାଗରିକମାନଙ୍କୁ ପଦ୍ମପୁର ମେଡିକାଲ ତରଫରୁ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ଅବସରରେ ୬ ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାକର ମଲିକ, ପି. ପଦ୍ମଜା, ପୂର୍ଣ୍ଣଚନ୍ଦ୍ର ସାହୁ, ପଦ୍ମପୁର ସରପଞ୍ଚ ପୂର୍ଣ୍ୟାବତୀ ମାଣ୍ଡାଙ୍ଗି ପ୍ରମୁଖ ସହଯୋଗ କରିଥିଲେ।

# ପ୍ରତ୍ୟେକ କାର୍ଯ୍ୟରେ ବରିଷ୍ଠଙ୍କ ସହଯୋଗ ଜରୁରୀ

ରାୟଗଡ଼ା ଅଫିସ/ଗୁଣପୁର/ମୁନିଗୁଡ଼ା/ରାମନାଗୁଡ଼ା,୧।୧୦

ରାୟଗଡ଼ା ବ୍ଲକଠାରେ ମଙ୍ଗଳବାର ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ନିଜ ପିତାମାତାଙ୍କୁ ସମ୍ମାନର ସହ ଜୀବନ ଯାପନ କରିବାକୁ ପରାମର୍ଶ ଦେଇଥିଲେ। ରାୟଗଡ଼ା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବରିଷ୍ଠ ନାଗରିକମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ବରିଷ୍ଠ ନାଗରିକ ତଥା ଅବସରପ୍ରାପ୍ତ ରାଜସ୍ୱ ବିଭାଗ କର୍ମଚାରୀ ଲକ୍ଷ୍ମଣ ମିଣିଆକାଙ୍କୁ ଉପଢୋକନ ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ୧୪୫ ଜଣ ବରିଷ୍ଠ ନାଗରିକଙ୍କୁ ୨ ଲକ୍ଷ ୧୭ ହଜାର ୫ ଶହ ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ସ୍ଥାନୀୟ ଗାୟତ୍ରୀ ନଗରସ୍ଥିତ ଜିଲା ବରିଷ୍ଠ ନାଗରିକ ମଙ୍ଗଳ ସଂଘ ପକ୍ଷରୁ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି। ବରିଷ୍ଠ ନାଗରିକ ସଂଘ ସଭାପତି ବିନୋଦଚନ୍ଦ୍ର ପଣ୍ଡା, ନରସିଂହନାଥ ପାଢ଼ୀଙ୍କ ସମେତ ସଂଘର ସଦସ୍ୟମାନେ କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ବାହାରି ଗଜପତି ଛକଠାରେ ପହଞ୍ଚିଥିଲେ। ଏଥିରେ ଜିଲାପାଳ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମାଜର ଉନ୍ନତିମୂଳକ କାର୍ଯ୍ୟରେ ବରିଷ୍ଠ ନାଗରିକଙ୍କ ସହଯୋଗ ନିତାନ୍ତ ଜରୁରୀ ବୋଲି କହିଥିଲେ। ପରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୧୩ଜଣ ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ବ୍ୟାଡ଼ମିଣ୍ଟନ ଏବଂ ପାଦ ଚଲା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅନ୍ୟତମ ଅତିଥିଭାବେ ଆରକ୍ଷୀ ଅଧୀକ୍ଷକ ଡ଼. ଶର୍ବରୀ ବିବେକ ଏମ, ରାୟଗଡ଼ା ଉପ ଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ସେହିପରି ଗୁଣପୁରର ବିଭିନ୍ନ ସ୍ଥାନରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ପୌର



ରାୟଗଡ଼ାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ,ଏସ୍‌ପିଙ୍କ ସହ ଅନ୍ୟମାନେ।

ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ରଘୁନାଥ ଗମାଙ୍ଗ, ଜିଲାଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ରିତ ଋତୁରାଜ, ଗୁଣପୁର ଉପଜିଲାପାଳ ତଥା ପୌର ପ୍ରଶାସକ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର, ନିର୍ବାହି ଅଧିକାରୀ ଭାବଗ୍ରାହି ସାହୁ ଏବଂ ବରିଷ୍ଠ ନାଗରିକ ସଂଘ ସଭାପତି ସୂର୍ଯ୍ୟନାରାୟଣ ରଥ ପ୍ରମୁଖ ଉପସ୍ଥିତ ଥିଲେ। ନୂତନ ବସଷ୍ଟାଣ୍ଡସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିଠାରୁ ଏକ ପଦଯାତ୍ରା ବାହାରି ବିଜୁକଲ୍ୟାଣ ମଣ୍ଡପଠାରେ ପହଁଞ୍ଚିଥିଲା। ସେହିପରି ଗୁଣପୁର ବ୍ଲକ କାର୍ଯ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଗମାଙ୍ଗ, ବ୍ଲକ ଅଧ୍ୟକ୍ଷା ଦେବକୀ ଗମାଙ୍ଗ, ଉପାଧ୍ୟକ୍ଷ ଏସୋ ଶବର, ଜିଲା ପରିଷଦ ସଭ୍ୟ ଅଶ୍ୱନି ଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।। ସେହିଭଳି ଗୁଣପୁର ସରକାରୀ ବାଳକ ଉଚ୍ଚବିଦ୍ୟାଳୟଠାରେ ମଧ୍ୟଏହି କାର୍ଯ୍ୟକ୍ରମ ପାଳନ ହୋଇଥିଲା। ମୁନିଗୁଡା ବ୍ଲକ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତା ବେହେରା ଓ ଗ୍ରାମ ରୋଜଗାର ସେବକ ପ୍ରଶାନ୍ତ ସାହୁଙ୍କ ମିଳିତ ସଂଯୋଜନାରେ ଏକ ସଚେତନତା ରାଲି ବ୍ଲକ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିଲା। ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଶ୍ରୀଧର କରଡ଼ା, ବ୍ଲକ ଆକାଉଣ୍ଟ ଅଫିସର ବିଜୟ କୁମାର ବେବର୍ତ୍ତା, ସହକାରୀ ଯନ୍ତ୍ରୀ ରାମଚନ୍ଦ୍ର ପ୍ରଧାନ, ସରପଞ୍ଚ ଜଗା ଶବର, ସମିତି ସଭ୍ୟା ଲାବଣ୍ୟ ପାଣିଗ୍ରାହୀ ଯୋଗ ଦେଇଥିଲେ। ବରିଷ୍ଠ ନାଗରିକମାନଙ୍କୁ ନେଇ ଏକ ମ୍ୟୁଜିକ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ରାମନାଗୁଡା ବ୍ଲକ କଲ୍ୟାଣ ମଣ୍ଡପଠାରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଆସିଥିବା ସମସ୍ତ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ବରିଷ୍ଠ ନାଗରିକ ଗୋଲକ ନାଥ ବେହେରାଙ୍କୁ ବ୍ଲକର ବୟୋଶ୍ରେଷ୍ଠ ସମ୍ମାନରେ ସମ୍ମାନିତ କରାଯାଇଥିଲା। ରାମନାଗଡା ବ୍ଲକର ପ୍ରତି ବିଦ୍ୟାଳୟରେ ଏଥିନିମନ୍ତେ ଶପଥ ପାଠ କରାଯାଇଥିଲା। ବ୍ଲକ ଅଧକ୍ଷା ରଜନୀ ମାଣ୍ଡାଙ୍ଗି, ବିଡ଼ିଓ ସୁଧାକର ରଇତଙ୍କ ସମେତ ବ୍ଲକର ସମସ୍ତ ସରପଞ୍ଚ ଏବଂ ସମିତି ସଭ୍ୟ ଯୋଗ ଦେଇଥିଲେ।

## ହେଲଥ ଇଣ୍ଡିଆନ ଜିମ ଉଦଘାଟିତ

ଉମରକୋଟ,୧।୧୦(ଡି.ଏନ.ଏ)- ଉମରକୋଟଠାରେ ହେଲଥ ଇଣ୍ଡିଆନ ଜିମକୁ ଏମପି ରମେଶ ଚନ୍ଦ୍ର ମାଝି ମଙ୍ଗଳବାର ଉଦଘାଟନ କରିଛନ୍ତି। ସୁନ୍ଦର ଓ ସୁସ୍ଥ ସ୍ୱାସ୍ଥ୍ୟ ନିମନ୍ତେ ବ୍ୟାୟାମ ଏକ ମାଧମ । ପ୍ରତ୍ୟେକ ଯୁବକମାନେ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହୋଇ ପ୍ରତିଦିନ କିଛି ସମୟ ବ୍ୟାୟାମ କରିବା ଆବଶ୍ୟକ ବୋଲି ମାଝି କହିଥିଲେ। ଏଥିରେ ସମ୍ମାନୀତ ଅତିଥି ଭାବେ ଜିମର ମାଲିକ ଏସ.କେ. ସମୀର, ଉମରକୋଟ ବ୍ଲକ ବିଜେଡି ସଭାପତି ଅଜିତ ପ୍ରଧାନ, ଏମପିଙ୍କ ଜିଲା ପ୍ରତିନିଧି ପ୍ରମୋଦ କୁମାର ପାଢୀ, ସଂଖ୍ୟାଲଘୁ ସେଲର ଜିଲା ସଭାପତି କାଜମ ମଦାନୀ ଯୋଗ ଦେଇଥିଲେ। ଆମ୍ବେଡକର ବିଚାର ମଞ୍ଚ ଜିଲା ସଭାପତି ଶରତ ପାଣିଗ୍ରାହୀ ସଭାକୁ ପରିଚାଳନା କରିଥିଲେ। କାର୍ତ୍ତିକ ନାଏକ, ବାବୁଲା ମୁଦୁଲି, କୁମିଟି ଭତ୍ରା, ରବି ସୁନା ପରିଚାଳନା କରିଥିଲେ।

# ଧାନ ଫସଲରେ ଚକଡା ପୋକ, ଚିନ୍ତାରେ ଚାଷୀ

ଚନ୍ଦାହାଣ୍ଡି,୧।୧୦(ଡି.ଏନ.ଏ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ଚାଷ ଜମିରେ ଚକଡା ପୋକ ହୋଇଥିବାରୁ ଧାନ ଫସଲ ନଷ୍ଟ ହେବାରେ ଲାଗିଛି। ଫଳରେ ଏବେ ଚାଷୀ ଚିନ୍ତାରେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ଚନ୍ଦାହାଣ୍ଡି ବ୍ଲକର ପ୍ରାୟ ଅର୍ଦ୍ଧାଧିକ ପଞ୍ଚାୟତରେ ଚକଡା ପୋକ ଲାଗିଛି । ପୋକ ଗୁଡିକ ସମ୍ପୂର୍ଣ୍ଣ ଧାନ ଖାଇ ଦେଉଥିବା ଦେଖିବାକୁ ମିଳିଛି । ଚନ୍ଦାହାଣ୍ଡି ଗ୍ରାମର ସୁମନ୍ତ କୁମାର କୁଣ୍ଡୁଙ୍କ ୪ ଏକରରୁ ଉର୍ଦ୍ଧ୍ୱ ଧାନ ଫସଲ ଏବେ ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଥିବା କହିଛନ୍ତି । ଏନେଇ କୃଷି ବିଭାଗ ଅଧିକାରୀଙ୍କୁ ସେ ଜଣାଇଥିଲେ। କୃଷି ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ଯାହା ଔଷଧ ଦେଉଛନ୍ତି ସେଥିରେ ପୋକ ମରୁନଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି। କେବଳ ଚନ୍ଦାହାଣ୍ଡି ମୌଜା ନୁହେଁ ବ୍ଲକର ଚକାମାଲ, ଖଇରଭାଡି , ହଳଦୀ , ବେହେରାମୁଣ୍ଡା , କୋଇଲିମୁଣ୍ଡା, ଫଟିକି, ମୋହରା, ଲାଙ୍ଗପଡା, ସିନାପାଲି, ମୋତିଗାଁ, ଜମାଦାରପଡା ସମେତ ବହୁ ମୌଜାରେ ଚାଷୀଙ୍କ ଧାନ


ଫସଲରେ କୀଟନାଶକ ସିଞ୍ଚନ କରାଯାଉଛି।

ଫସଲ ନଷ୍ଟ ହୋଇଥିବା ଚାଷୀ ମହମ୍ମଦ ଇକବାଲ, ବବି ବିଶୋଇ, ବଂଶୀଧର ନାୟକ, ଅବଦୁଲ ରଜାକ, ଅଭିରାମ ପୂଜାରୀ, ଦୁର୍ଯ୍ୟୋଧନ ପୂଜାରୀ, ଏସ.ଏମ.ଅସଗର ପ୍ରମୁଖ ଅଭିଯୋଗ କରିଛନ୍ତି । ସେହିଭଳି ବ୍ଲକର ବିଭିନ୍ନ ମୌଜାରେ କରାଯାଇଥିବା ବିରି ଚାଷ ମଧ୍ୟ ନଷ୍ଟ ହୋଇଛି । ବିରି ଗଛରେ ଫଳ ହେଉନଥିବା ଚାଷୀ ପ୍ରଦୀପ ଦାଶ କହିଛନ୍ତି। ଚନ୍ଦାହାଣ୍ଡି ବ୍ଲକରେ ଚଳିତ ବର୍ଷ ଭଲ ଫସଲ ହେବ ବୋଲି ଚାଷୀ ଆଶା ବାନ୍ଧିଥିବା ବେଳେ ଧାର କରଜ କରି ଚାଷ କରିଥିବା ଚାଷୀଙ୍କୁ ଚକଡା ପୋକ ପୁଣି ଋଣ ଗ୍ରସ୍ତ କରିଛି । ଧାନ ଫସଲ ନଷ୍ଟ ହେଉଥିଲେ ହେଁ କୃଷି ବିଭାଗ ଅଧିକାରୀମାନେ ଚୁପ୍ ହୋଇ ବସିଛନ୍ତି ବୋଲି ଚାଷୀ ମାନେ ଅଭିଯୋଗ କରିଛନ୍ତି। ଯଦି ଏହି ରୋଗ ପୋକ ଦମନ ନିମନ୍ତେ ବିହିତ ପଦକ୍ଷେପ ନିଆ ନଯାଏ ତାହେଲେ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଯିବ। ପ୍ରଶାସନ ଓ ସରକାର ଚାଷୀଙ୍କ କ୍ଷୟ କ୍ଷତି ଆକଳନ କରି ତୁରନ୍ତ ସହାୟତା ପ୍ରଦାନ କରିବାକୁ ଦାବି କରିଛନ୍ତି। ବ୍ଲକ କୃଷି ଅଧିକାରୀ ପ୍ରଶାନ୍ତ ବାଘଙ୍କୁ ପଚାରିବାରୁ ବ୍ଲକର ବିଭିନ୍ନ ମୌଜାରେ ୮୦ ହେକ୍ଟର ଜମିରେ ଚକଡା ପୋକ ଲାଗିଛି ଏବଂ ବର୍ତ୍ତମାନ କ୍ଷୟକ୍ଷତି ଆକଳନ ଚାଲିଛି ଓ ଏହା ଅଧିକ ମଧ୍ୟ ହୋଇପାରେ ବୋଲି କହିଛନ୍ତି।

# ବିଜେଡି ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନ

ତେନ୍ତୁଳିଖୁଣ୍ଟି,୧।୧୦(ଡି.ଏନ.ଏ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଲମତାଗୁଡା ପଞ୍ଚାୟତର ଲକିଗୁଡାରେ ବିଜେଡି ପକ୍ଷରୁ ବ୍ଲକସ୍ତରୀୟ ନୂଆଁଖାଇ ଭେଟଘାଟ ଓ ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଏମପି ରମେଶ ଚନ୍ଦ୍ର ମାଝି, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଯୋଗ ଦେଇଥିଲେ। ବ୍ଲକ ସଭାପତି ପ୍ରଫୁଲ୍ଲ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ପ୍ରହ୍ଲାଦ ତ୍ରିପାଠୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷା ଦେବକୀ ନାୟକ, ଉପାଧ୍ୟକ୍ଷ ତନୟ ସାଗର ନାୟକ, ନାରାୟଣ ପାତ୍ର, ସୁବାସ ଦାଶ, ଗଜେନ୍ଦ୍ର ଶଗରିଆ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରତି ୱାର୍ଡରୁ ୪ ଜଣ ଆଧାରକାର୍ଡ ସହ ଆସି ବିଜେଡିରେ ସଭ୍ୟ ହୋଇଥିଲେ। ତେନ୍ତୁଳିଖୁଣ୍ଟି ଓ ନନ୍ଦାହାଣ୍ଡି ବ୍ଲକରେ ପାନୀୟ ଜଳ ଯୋଗାଇ ଦେବା ପାଇଁ ଏକ ବୃହତ୍ତ ପ୍ରକଳ୍ପ ଆରମ୍ଭ ହେବାକୁ ଯାଉଛି ବୋଲି ବିଧାୟକ କହିଥିଲେ। ସ୍ୱାସ୍ଥ୍ୟକ୍ଷେତ୍ରରେ ଜନସାଧାରଣଙ୍କ ପାଇଁ ସମସ୍ତ ସୁବିଧା ଯୋଗାଇ ଦିଆଯାଉଛି ବୋଲି ଏମପି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଧୀର ଖୁରା, ହରିଶ୍ଚନ୍ଦ୍ର ନାୟକ, ବିବେକାନନ୍ଦ ଚୌଧୁରୀ, କୃତୀବାସ ନାୟକ ସମେତ ଶତାଧିକ ସଭ୍ୟ ଯୋଗ ଦେଇଥିଲେ।



କାର୍ଯ୍ୟକ୍ରମରେ ଏମପି ରମେଶ ଚନ୍ଦ୍ର ମାଝି, ବିଧାୟକ ଓ ଅନ୍ୟମାନେ।

# ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ


ଅବସରପ୍ରାପ୍ତ ଶିକ୍ଷକ ମନିରାମ ଗଣ୍ଡଙ୍କୁ ତାଙ୍କ ବାସଭବନରେ ମାନପତ୍ର ପ୍ରଦାନ କରାଯାଉଛି।

ରାଇଘର,୧।୧୦(ଡି.ଏନ୍.ଏ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ସମ୍ମିଳନୀ କକ୍ଷରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଉପଜିଲାପାଳ ଭାସ୍କର ରାଇତା , ବିଡିଓ ଦେବୀ ପ୍ରସାଦ ଟାଲି, ଏବିଡିଓ ବିଜୟ କୁମାର ସେଠୀ, ରାଇଘର ଥାନା ଅଧିକାରୀ ସରିତା ମହାପାତ୍ର , ଆଇସିଆଇସିଆଇ ବ୍ୟାଙ୍କ ଶାଖା ପରିଚାଳକ, ସମିତି ଅଧ୍ୟକ୍ଷ ବିନ ଗଣ୍ଡ, ଜିଲାପରିଷଦ ସଭ୍ୟା ପ୍ରୀତିସ୍ନିଗ୍ଧା ମହାପାତ୍ର, ଅଧ୍ୟାପକ ପରିକ୍ଷିତ ସାହୁ ,ବ୍ଲକ ଉପାଧ୍ୟକ୍ଷ ବିଶ୍ୱନାଥ ଶିଲ ଯୋଗ ଦେଇଥିଲେ। ବରିଷ୍ଠ ନାଗରିକଙ୍କ ସମସ୍ୟା ଓ ତାହାର କିପରି ସମାଧାନ ହୋଇପାରିବ ତାହା ଉପରେ ଆଲୋକପାତ ହୋଇଥିଲା। ବରିଷ୍ଠ ନାଗରିକଙ୍କ ସାମାଜିକ, ଶାରୀରିକ,ମାନସିକ କ୍ଷେତ୍ରରେ ଯେଉଁ ସମସ୍ୟା ହେଉଛି ତାହା କିପରି ସମାଧାନ ହୋଇପାରିବ ସମସ୍ତ ବକ୍ତା କହିଥିଲେ । ଆଇନଜୀବୀ କିରଣ କୁମାର ପଟ୍ଟନାୟକ ବରିଷ୍ଠ ନାଗରିକଙ୍କ ରକ୍ଷଣାବେକ୍ଷଣ ଓ କଲ୍ୟାଣ ଆଇନ ୨୦୦୭ ବିଷୟରେ ଆଲୋକପାତ କରିଥିଲେ । ସ୍ୱାସ୍ଥ୍ୟ ବିଭାଗରେ ବରିଷ୍ଠ ନାଗରିକଙ୍କୁ କିଭଳି ସୁବିଧା ମିଳୁଛି ସେ ସମ୍ପର୍କରେ ନିଳାମ୍ବର ମିଶ୍ର ସୂଚନା ଦେଇଥିଲେ। ଏହି ଅବସରରେ ରାଇଘର ବ୍ଲକର ତିନି ଜଣ ଅବସର ପ୍ରାପ୍ତ କର୍ମଚାରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ସମାଜ ସେବକ ଭାବେ ଦଶରଥ ରାଉତ , ସମାଜ ସେବୀ ସୁକୁରାମ ଗଣ୍ଡ, ଶିକ୍ଷକ ମନିରାମ ଗଣ୍ଡଙ୍କୁ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। ତେବେ ଗଣ୍ଡ ଭାଷା ବହି ଲେଖିଥିବା ମନିରାମ ଶାରିରୀକ ଅସୁସ୍ଥ ଥିବାରୁ ବିଡିଓ , ଜିଲାପରିଷଦ ସଭ୍ୟା ଓ ବରିଷ୍ଠ ନାଗରିକ ସଙ୍ଘ ସଭାପତି ପୂର୍ଣ୍ଣାନନ୍ଦ ବାରିକ ପ୍ରମୁଖ ତାଙ୍କ ଘରକୁ ଯାଇ ମାନପତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ସିମାଞ୍ଚଳ ଦାସ ପରିଚାଳନା କରିଥିଲେ । କିରାଣୀ ଭବାନୀ ସତ୍ୟଶ୍ରୀ ପାତ୍ରଙ୍କ ସମେତ ବ୍ଲକ କର୍ମୀ ସହଯୋଗ କରିଥିଲେ ।

### କୁନ୍ଦେଇ ଫରେଷ୍ଟରଙ୍କ ବିରୋଧରେ ଭାଜପା ଆଣିଲା ଅଭିଯୋଗ

# ଗର୍ଭବତୀ ଥିବା ୨ୟ ସ୍ତ୍ରୀଙ୍କୁ ଦେଉଛନ୍ତି ନିର୍ଯାତନା

ନବରଙ୍ଗପୁର,୧।୧୦(ବି.ପ୍ର.)

ନବରଙ୍ଗପୁର ଜିଲା ରାଇଘର ବ୍ଲକ କୁନ୍ଦେଇ ଫରେଷ୍ଟର ମହମ୍ମଦ ଅବଦୁଲ ଜଣେ ମହିଳାଙ୍କୁ ୨ୟ ସ୍ତ୍ରୀ ଭାବେ ରଖିବା ପରେ ଗର୍ଭବତୀ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଛନ୍ତି। ଖବରଦାତା ସମ୍ମିଳନୀରେ ଭାଜପା ଏଭଳି ଅଭିଯୋଗ ଆଣିଛି। ଅବଦୁଲ ଜଣେ ମହିଳାଙ୍କୁ କର୍ମନିଯୁକ୍ତି ଯୋଗାଇ ଦେବେ ବୋଲି କହି ଆଣିଥିଲେ। ପରବର୍ତ୍ତି ସମୟରେ ସ୍ତ୍ରୀ ଭାବେ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମହିଳା ଜଣକ ୭ ମାସର ଗର୍ଭବତୀ ଥିବା ବେଳେ ତାଙ୍କୁ ନିର୍ଯାତନା ଦିଆଯାଉଥିବା ଭାଜପା ଜିଲା କାର୍ଯ୍ୟାଳୟ ଠାରେ ଆହୁତ ଖବରଦାତା ସମ୍ମିଳନୀରେ ମହିଳା ମୋର୍ଚ୍ଚା ସମ୍ପାଦିକା ସର୍ମିଷ୍ଠା ଦେଓ ଅଭିଯୋଗ ଆଣିଛନ୍ତି । ଏପରିକି ମହିଳାଙ୍କୁ ନିର୍ଯାତନା ଦେଇ ଘରୁ ତଡି ଦିଆଯାଇଛି। ରାଇଘର ଥାନାରେ ଅଭିଯୋଗ ପରେ ଏକ ଆପୋଷ ବୁଝାମଣା ହୋଇଥିଲା । ବୁଝାମଣାକୁ ମଧ୍ୟ ଫରେଷ୍ଟର ମାନୁ ନାହାନ୍ତି। ଏବେ ସେ ବିନା ଛୁଟିରେ କେଉଁ ଆଡେ ରହୁଥିବା କହିଛନ୍ତି। ଏନେଇ ପୋଲିସ ଓ ପ୍ରଶାସନ ଫରେଷ୍ଟର ଅବଦୁଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଜଣକ ପ୍ରଥମ ସ୍ତ୍ରୀ ଥାଉ ଦ୍ୱିତୀୟ ସ୍ତ୍ରୀ କିଭଳି ଗ୍ରହଣ କଲେ । ଜଣେ ସରକାରୀ ଚାକିରି କରୁଥିବା ଫରେଷ୍ଟର ଆଇନର ଉଲ୍ଲଘଂନ କରିଛନ୍ତି। ନିର୍ଯାତିତ ମହିଳାଙ୍କୁ ସୁରକ୍ଷା ସହ ନୂତନ ଗୃହ ଓ ଫରେଷ୍ଟର ପାଉଥିବା ଅଧା ଦରମା ଦିଆଯାଉ ବୋଲି ଦାବି କରିଛନ୍ତି।

ଖବରଦାତା ସମ୍ମିଳନୀରେ ମହିଳା ଜଣକ କହିଛନ୍ତି ପୂର୍ବରୁ ସେ ଜଣଙ୍କୁ ବିବାହ କରିଥିଲେ । ତାଙ୍କର ୭ ବର୍ଷର ପୁଅ ରହିଛି। ୨ ବର୍ଷ ତଳେ ଚାକିରି କରାଇ ଦେବି କହି ଅବଦୁଲ ସାଥିରେ ଆଣିଥିଲେ । ପରେ କାମ ନ ଦେଇ ୨ୟ ସ୍ତ୍ରୀ ଭାବେ ରଖିବେ ବୋଲି କହି ଶାରୀରିକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ମହିଳାଙ୍କ ଓ ତାଙ୍କ ପୁଅର ନାମ ପରିବର୍ତ୍ତନ କରି ଏକ ସତ୍ୟପାଠ କରାଇଥିଲେ। ପରେ ପୁଅକୁ ଏକ ବିଦ୍ୟାଳୟରେ ନାମ ଲେଖାଇଥିଲେ। ଏହା ଭିତରେ ମହିଳା ଜଣକ ଗର୍ଭବତୀ ହୋଇଥିଲେ। ଅବଦୁଲଙ୍କ ପ୍ରଥମ ସ୍ତ୍ରୀ ଏହି ଘଟଣା ଜାଣିବା ପରେ ସେ ଆସିଥିଲେ। ଘରେ ଉଭୟଙ୍କ ଝଗଡା ହୋଇଥିଲା। ଅବଦୁଲ ବିଭିନ୍ନ ସମୟରେ ତାଙ୍କୁ ମାଡ ମାରି ଆସୁଥିଲେ। ପରେ ଅବଦୁଲ ତାଙ୍କୁ ଆଣି ନବରଙ୍ଗପୁରଠାରେ ତାଙ୍କ ଭଉଣୀ ଘରେ ରଖିଥିଲେ । ପରିବାର ଲୋକ ଅବଦୁଲଙ୍କୁ ବୁଝାଇବା ପରେ ପୁଣି କୁନ୍ଦେଇଠାରେ ନେଇ ରଖିଥିଲେ। ସେଠାରେ ବହୁ ନିର୍ଯାତନା ଦେଇଥିଲେ । ଏନେଇ ରାଇଘର ଥାନାରେ ଅଗଷ୍ଟ ମାସରେ ଲିଖିତ ଭାବେ ଜଣାଇଥିଲି । ପୋଲିସ ଆପୋଷ ବୁଝାମଣା କରିଥିଲା। ରହିବା, ଖାଇବା, ଔଷଧ ଆଦି ପ୍ରସବ ହେବା ପର୍ଯ୍ୟନ୍ତ ବହନ କରିବି। ସମସ୍ତ ସୁବିଧା ତୁଲାଇବି ବୋଲି ଅବଦୁଲ କହିଥିଲେ। ଅଗଷ୍ଟ ୨୦ ତାରିଖରେ ଲିଖିତ ଭାବେ ବୁଝାମଣା ହୋଇଥିଲା । ପରବର୍ତ୍ତୀ ସମୟରେ କୌଣସି ଖର୍ଚ୍ଚ ବହନ କରି ନ ଥିଲେ। ଏନେଇ ଜିଲାପାଳଙ୍କୁ ଅଭିଯୋଗ ଶୁଣାଣିରେ ମଧ୍ୟ ଅଭିଯୋଗ କରିଥିଲି । ଏସପିଙ୍କୁ ଭେଟି ମଧ୍ୟ ଅଭିଯୋଗ କରିଥିଲି। ଏସପି ଫରେଷ୍ଟରଙ୍କୁ ଡାକିଥିଲେ ମଧ୍ୟ ସେ ଗୋଟିଏ ଦିନରେ ନିଷ୍ପତ୍ତି ନେଇ ପାରିବେ ନାହିଁ ବୋଲି କହି ଆଉ ଦେଖା ଦେଉ ନାହାନ୍ତି। କୌଣସି ସୁଫଳ ମିଳୁନଥିବାରୁ ଭାଜପା ମହିଳା ମୋର୍ଚ୍ଚା ନିକଟରେ ଜଣାଇଥିଲି । ଖବରଦାତା ସମ୍ମିଳନୀରେ ମହିଳା ମୋର୍ଚ୍ଚା ଉପସଭାପତି ଡି. କ୍ରୀଷ୍ଣା, ସୁନୀତା ପାଢୀ, ବବିତା ସାହୁ, ବିନିତା ତ୍ରିପାଠୀ, ଶୁହାନୀ ବେହେରା, ଚନ୍ଦ୍ରକଳା ଜାନୀ, ଯୁବ ନେତା ଗୌରୀ ଶଙ୍କର ମାଝୀ, ଓବିସି ମୋର୍ଚ୍ଚା ଜିଲାସଭାପତି ସରୋଜ ମହାଙ୍କୁଡ, ଯୁବ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ମା’ ଭଣ୍ଡାରୁଣୀଙ୍କ ଦଶହରା

ଚନ୍ଦାହାଣ୍ଡି,୧।୧୦(ଡି.ଏନ.ଏ)

ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ପାଟଖଲିଆ ଗ୍ରାମରେ ପାନାବେଡା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା’ ଭଣ୍ଡାରୁଣୀଙ୍କ ପୀଠରେ ଦଶହରା ପାଳିତ ହୋଇଯାଇଛି। ପାଟଖଲିଆ ପୂଜାରୀ ଉଗ୍ରସେନ ପୂଜାରୀଙ୍କ ପୌରହିତ୍ୟରେ ଏହା ଆୟୋଜିତ ହୋଇଛି। ଏଥିରେ ପାଟଖଲିଆ ପଞ୍ଚାୟତର ସମସ୍ତ ଶୀରା, ପୂଜାରୀ, ଗାଁ ମୁଖିଆଙ୍କ ସମେତ ମାଲଗାଁ, ତେନ୍ତୁଳିପଡା, ଚନ୍ଦାହାଣ୍ଡି, ଦଳବେଡା, ଭାଟିପଡା, ଚିଲିଗାଁ, ଧୁରୁଆପଡା, ପୂଜାରିଗୁଡା ଆଦି ଗ୍ରାମର ଦେବାଦେବୀଙ୍କ ସହ ଲାଠି ଓ ବିମାନ ନେଇ ଗ୍ରାମର ପୂଜାରୀମାନେ ଯୋଗ ଦେଇଥିଲେ। ମନସ୍କାମନା ପୂରଣ ପାଇଁ ମା’ ପୀଠରେ ବଳି ଦେବା ସହ ଅଞ୍ଚଳବାସୀଙ୍କ ସୁଖ ସମୃଦ୍ଧି ନିମନ୍ତେ ପୂଜାର୍ଚ୍ଚନା କରିଥିଲେ। ଏଥିରେ ସୁପେତ ପୂଜାରୀ, ଅଭିରାମ ବଗର୍ତ୍ତୀ, ସନିନ୍ଦ୍ର ସୋରୀ, ହର ପୂଜାରୀ, ଶ୍ୟାମସୁନ୍ଦର ନେତାମ, ପ୍ରଦୀପ ଦାଶ, ସନ୍ତୋଷ ଦାଶ, ଶ୍ରୀବତ୍ସ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ଖମାରୀ, ଦୂତିକୃଷ୍ଣ ଶର୍ମା, ଜଗଦିଶ ଜଗତ ପ୍ରମୁଖ ଯୋଗ ଦେଇଥିଲେ।

# ପ୍ଲାଷ୍ଟିକ ବର୍ଜନ ଶୋଭାଯାତ୍ରା

ରାଇଘର,୧।୧୦(ଡି.ଏନ.ଏ)

ରାଇଘର ପଞ୍ଚାୟତ ସମିତି ପକ୍ଷରୁ ପ୍ଲାଷ୍ଟିକ ବର୍ଜନ ନେଇ ଏକ ସଚେତନତା ଶୋଭାଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମଶାଲ ପ୍ରଜ୍ୱଳନ କରାଯାଇ ବ୍ଲକ କାର୍ଯ୍ୟାଳୟ ପରିସରରୁ ଶୋଭଯାତ୍ରା ବାହାରି ସହର ପରିକ୍ରମା କରାଯାଇଥିଲା। ପ୍ଲାଷ୍ଟିକ ବର୍ଜନ ପାଇଁ ବ୍ୟବସାୟୀଙ୍କୁ ସଚେତନ କରାଯାଇଥିଲା। ସ୍ୱଚ୍ଛ ଓ ସବୁଜ ନବରଙ୍ଗପୁର ଗଠନ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଥିଲା। ସ୍ୱଚ୍ଛ ଓଡିଶା ଓ ସୁସ୍ଥ ଓଡିଶା ପରିମଳର ନୂଆ ପରିଭାଷା ସ୍ଲୋଗାନ ଦିଆଯାଇଥିଲା।ନବରଙ୍ଗପୁର ଉପଜିଲାପାଳ ଭାସ୍କର ରାଇତା , ରାଇଘର ବିଡିଓ ଦେବୀ ପ୍ରସାଦ ଟାଲି, ଏବିଡିଓ ବିଜୟ କୁମାର ସେଠୀ, ଜିଲା ପରିଷଦ ସଭ୍ୟା ପ୍ରୀତିସିଗ୍ଧା ମହାପାତ୍ର, ରାଇଘର ବ୍ଲକର ସମସ୍ତ କର୍ମଚାରୀ, ପିଇଓ, ଜିଆରଏସ, କନିଷ୍ଠ ଯନ୍ତ୍ରୀ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପରେ ମେଡିକାଲ ପରିସରରେ ସଫେଇ କରାଯାଇଥିଲା।



ବାହାରିଥିବା ସଚେତନତା ଶୋଭାଯାତ୍ରା

# ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ

ନବରଙ୍ଗପୁର,୧।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଭତ୍ରାଶିଉଣୀ ପଞ୍ଚାୟତ ଗୃହଠାରେ ବିଶ୍ୱ ବରିଷ୍ଠ ନାଗରିକ ଦିବସକୁ ନେଇ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଜଜ ଅଶୋକ କୁମାର ପଣ୍ଡା ଯୋଗ ଦେଇ ବରିଷ୍ଠ ନାଗରିକମାନଙ୍କ ପାଇଁ ଥିବା ବିଭିନ୍ନ ଆଇନ ବିଷୟରେ କହିଥିଲେ। ଅନ୍ୟତମ ଅତିଥି ଭାବେ ପରିବାର ବିଚାର ବିଭାଗୀୟ ଜଜ ବିକ୍ରମ ପ୍ରଧାନ, ଅତିରିକ୍ତ ଜିଲା ଜଜ ପ୍ରଣୟ କୁମାର ଦାସ, ରେଜିଷ୍ଟ୍ରର ମନୋରଞ୍ଜନ ଦାସ, ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ ପ୍ରସନ୍ନ କୁମାର ବେହେରା, ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରି ଅମିତ କୁମାର ବାରିକ, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ବନଜା ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଏସ୍.କେ. ମହାନ୍ତି, ଜିଲା ଆଇନଜୀବୀ ସଂଘର ସମ୍ପାଦକ ରାମ ପ୍ରସାଦ ପାତ୍ର, ଆଇନଜୀବୀ ସମରେଶ ଗନ୍ତାୟତ ଓ ବାଲାଜୀ ପ୍ରସାଦ ମିଶ୍ର, ପ୍ରଭାକର ଦାସ, ମହେନ୍ଦ୍ର କୁମାର ବିଡିକା, ଅପରାଜିତା ମିଶ୍ର, ବିଦ୍ୟାଭାରତି ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଜିଲା ଆଇନସେବା ପ୍ରାଧିକରଣର ସମ୍ପାଦକ ପ୍ରସନ୍ନ କୁମାର ବେହେରା ଜିଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ବରିଷ୍ଠ ନାଗରିକମାନେ କିପରି ଉପକାର ପାଇବେ ସେ ନେଇ ବୁଝାଇଥିଲେ । ଲିଙ୍ଗରାଜ ମିଶ୍ର ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମ ଜିଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ପରିଚାଳିତ ହୋଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ବିଚାରପତି ଓ ଅନ୍ୟମାନେ।

# ବରିଷ୍ଠ ନାଗରିକ ସମାଜର ପଥ ପରିଦର୍ଶକ

ପାପଡାହାଣ୍ଡି/ଡାବୁଗାଁ/ଚନ୍ଦାହାଣ୍ଡି ୧।୧୦(ଡି.ଏନ.ଏ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଆନ୍ତର୍ଜାତୀକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି । ବ୍ଲକ ବିଏସଏସଓ ନଗେନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱ କରିଥିଲେ।

ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକ ହେଉଛନ୍ତି ସମାଜ ପାଇଁ ଏକ ପ୍ରେରଣା । ସେମାନେ ଆମର ପଥ ପରିଦର୍ଶକ ବୋଲି କହିବା ସହ ସେମାନଙ୍କୁ ସମ୍ମାନ ଦେବା ଉଚିତ ବୋଲି କହିଥିଲେ। ୧୫୦ ଜଣ ବରିଷ୍ଠ ନାଗରିକଙ୍କୁ ସେ ଉପଢ୍ୌକନ ଦେଇ ସ୍ୱାଗତ କରିଥିଲେ । ସମ୍ମାନୀତ ଅତିଥି ଭାବେ ଏବିଡ଼ିଓ ବିଶ୍ୱନାଥ ରାଉତ, ବ୍ଲକ ବରିଷ୍ଠ ନାଗରିକ ସଂଘର ସଭାପତି ସୋମନାଥ ବିଶୋଇ, ବ୍ଲକ ଅଧକ୍ଷା ସେବତୀ ସାନ୍ତା, ଉପଧକ୍ଷ ତ୍ରିନାଥ ପ୍ରଧାନ, ଡ଼ଃ ସଂଲାପ ପଟ୍ଟନାୟକ, ଡ଼ଃ ମନସ୍ମିତା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବରିଷ୍ଠ ନାଗରିକଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ବଣ୍ଟନ କରାଯାଇଥିଲା । ବରିଷ୍ଠ ନାଗରିକଙ୍କୁ ନେଇ କୁଇଜ ପ୍ରତିଯୋଗୀତା କରି ପୁରସ୍କୃତ କରାଯାଇଥିଲା । ଲକି ଡ୍ରରେ ଶେଖ ଯାଉଲ ହୁସେନ ଭାଗ୍ୟଶାଳୀ ବରିଷ୍ଠ ନାଗରିକରେ ପୁରସ୍କୃତ କରାଯାଇଥିଲା । ବଟ କୃଷ୍ଣ ବିଶ୍ୱାଳ, ପ୍ରକାଶ ମିଶ୍ର, ମିତ୍ର ଭାନୁ ଦାସ , ଅଲେଖ ନିରଞ୍ଜନ ସାହୁ ,ନାରାୟଣ ଚନ୍ଦ୍ର ଗୁରୁ ଓ ରବି ନାରାୟଣ ସାହୁ ପ୍ରମୁଖ କବିତା ପାଠ କରିଥିଲେ। ଆଇନଜୀବୀ ସ୍ୱାଧୀନ ପଟ୍ଟନାୟକ ପିତା ମାତା ଓ ବରିଷ୍ଠ ନାଗରିକ ଅଧିନିୟମ ସମ୍ପର୍କରେ କହିଥିଲେ। ୬ ଜଣ ନୂତନ ବରିଷ୍ଠ ନାଗରିକଙ୍କୁ ସ୍ୱାଗତ କରାଯାଇଥିଲା । ଆନ୍ଧ୍ରା ବ୍ୟାଙ୍କ ଓ ଏସବିଆଇ ଶାଖା ପରିଚାଳକ ବୈଠକରେ ଯୋଗଦେଇଥିଲେ । ବରିଷ୍ଠ ନାଗରିକ ଇଶ୍ୱର ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ବ୍ଲକ ବରିଷ୍ଠ ନାଗରିକ ସଂଘର ସମ୍ପାଦକ ତ୍ରିଲୋଚନ ପଣ୍ଡା, ସହସମ୍ପାଦକ ନାରାୟଣ ଚନ୍ଦ୍ର ଗୁରୁ ଓ କୋଷାଧକ୍ଷ କେ ଚେଲପତି ରାଓ ସହ ଭାଗବତ ତୁଙ୍ଗିର ସଦସ୍ୟ ମାନେ ସହଯୋଗ କରିଥିଲେ। ସେହିପରି ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ବ୍ଲକ ଅଧକ୍ଷ ବଂଶୀଧର ମାଝୀଙ୍କ ଅଧକ୍ଷତାରେ ମଙ୍ଗଳବାର ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ । ଏଥିରେ ବରିଷ୍ଠ ନାଗରିକମାନେ ସଭାରେ ଡାବୁଗାଁ ଏଟିଏମ କାଉଣ୍ଟର ସମ୍ମୁଖରେ ଥିବା ଆବର୍ଜନା ସଫାକରିବା, ଡାବୁଗାଁର ପରିମଳ ବ୍ୟବସ୍ଥା ସଜାଡିବା ଓ ଡାବୁଗାଁକୁ ପଲିଥିନ ମୁକ୍ତ କରିବା ଏବଂ ବରିଷ୍ଠ ନାଗରିକଙ୍କ ଚିତ୍ତବିନୋଦନ ଗୃହ ନିର୍ମାଣ ପାଇଁ ଏକ ଜାଗାର ବ୍ୟବସ୍ଥା କରିବା ପାଇଁ କହିଥିଲେ। ସମସ୍ତ ସମସ୍ୟାର ସମାଧାନ କରିବା ସହ ବରିଷ୍ଠ ନାଗରିକଙ୍କ ଚିତ୍ତବିନୋଦନ ଗୃହ ନିର୍ମାଣ ପାଇଁ ଏକ ଜାଗା ଯୋଗାଇ ଦେବା ପାଇ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ନିବେଦିତା ମହାନ୍ତି, ବ୍ଲକ ଉପଧକ୍ଷା ସୁଷମା ବିଶୋଇ, ବିଡିଓ ରଞ୍ଜିତାମେରୀ ନାୟକ, ଏବିଡିଓ ପଦ୍ମନାଭ ତ୍ରିପାଠୀ, ସବଇନ୍ସପେକ୍ଟର ଫକୀର ମୋହନ ଖୁରା, ସରକାରୀ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ନିତ୍ୟାନନ୍ଦ ମହାନ୍ତି, ଉପଦେଷ୍ଟା ଅଜୟ ବଲ୍ଲଭ ପଣ୍ଡା, କୃଷ୍ଣଚନ୍ଦ୍ର ଦାସ, ନବକୀଶୋର ଜୟସିଂ, ରାମେଶ୍ୱର ମାଦଳା ଓ ବହୁ ବରିଷ୍ଠ ନାଗରିକମାନେ ଯୋଗଦେଇଥିଲେ।

ଚନ୍ଦାହାଣ୍ଡି ବ୍ଲକ ପ୍ରଶାସନ ପକ୍ଷରୁ ସଭାଗୃହରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ସେବା ଦିବସ ପାଳିତ ହୋଇଛି। ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଅଧକ୍ଷ ଟିକମ ସିଂ ନାୟକ ସଭାପତିତ୍ୱ କରିଥିଲେ। ତହସିଲଦାର ହୃଦାନନ୍ଦ ସିଂ ମାଝି, ବିଇଓ ଭଜନଲାଲ ମାଝି, ସାମାଜିକ କର୍ମୀ ପ୍ରମୋଦ ପାଢୀ, ଜିଲା ପରିଷଦ ସଭ୍ୟ ସନିନ୍ଦ୍ର ଶୋରୀ, ଉପାଧ୍ୟକ୍ଷା ସୁଭଦ୍ରା ସିହ୍ନା, ସରପଞ୍ଚ ଲଛମନ ପୁଜାରୀ, ସମିତି ସଭ୍ୟା ସନ୍ଧ୍ୟାରାଣୀ ନାୟକ, ସାମାଜିକ କର୍ମୀ ପ୍ରଶାନ୍ତ ପାରୀ, ପୂର୍ବତନ ବ୍ଲକ ଅଧକ୍ଷ ନୃସିଂହ ମାଝି, ଡମ୍ବରୁ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଉପସ୍ଥିତ ବରିଷ୍ଠ ନାଗରିକମାନଙ୍କୁ ଉତ୍ତରୀୟ ଓ ଫୁଲତୋଡା ଦିଆଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କ ପାଇଁ ଉପଲବଧ ହେଉଥିବା ସେବା ଗୁଡିକ ସମ୍ପର୍କରେ ଅବଗତ କରାଯାଇଥିଲା। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସମସ୍ତ କର୍ମଚାରୀ ଏହାକୁ ପରିଚାଳନା କରିଥିଲେ। ପଞ୍ଚାୟତର ପିଇଓ, ସରପଞ୍ଚ ଓ ସମିତି ସଭ୍ୟମାନେ ଯୋଗ ଦେଇଥିଲେ।



ବୈଠକରେ ଉପସ୍ଥିତ ଅତିଥି ଓ ଅଧିକାରୀମାନେ।


ସମ୍ବର୍ଦ୍ଧିତ କରାଯାଇଥିବା ବରିଷ୍ଠ ନାଗରିକ, ବିଡିଓ ଏବଂ ଅନ୍ୟମାନେ।


ବରିଷ୍ଠ ନାଗରିକଙ୍କୁ ବିଧାୟକ ଉପଢୌକନ ଦେଇ ସମ୍ମାନୀତ କରୁଛନ୍ତି।

